୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି
ପାକିସ୍ତାନକୁ ହରାଇ ଫାଇନାଲ୍‌ରେ ଭାରତ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

E-mail : sambadkalikanews@gmail.com

ଅଙ୍କ ୦୦.୬ : ଅଷ୍ଟମ ସଂସ୍କରଣ

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୨୬ ● ୬ ଜୁନ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-126 ● 6th June 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ଗଜପତିଙ୍କ କ୍ଷୋଭ

ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲେ

ପୁରୀ, ୫ ।୬ : ନ୍ୟୁଜ୍ ବ୍ୟୁରୋ

ଅଦିନିଆ ରଥଯାତ୍ରାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଆଗକୁ ଆହୁରି କଡା ପଦକ୍ଷେପ ନେବାକୁ ଗଜପତି ମହାରାଜା ସୂଚନା ଦେଇଛନ୍ତି । ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଥିଲା । ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ବୈଠକରେ ଉଭୟ ଗଜପତି ମହାରାଜ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ।

ଏ ସଂପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ କହିଛନ୍ତି ଯେ, ଗତ ଏପ୍ରିଲରେ ଏ ନେଇ ରାଷ୍ଟ୍ରପତିଙ୍କୁ ଚିଠି ଲେଖିଥିଲେ ଗଜପତି ମହାରାଜା । ଏପ୍ରିଲ ୨୦ ତାରିଖରେ ଗଜପତି ମହାରାଜା

ରାଷ୍ଟ୍ରପତିଙ୍କୁ ଏହି ଚିଠି ଲେଖିଥିଲେ ।

ଆସନ୍ତା ରଥଯାତ୍ରା-ନିଳାଦ୍ରୀ ବିଜେ ପରେ ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଭେଟି ଅଭିଯୋଗ ଜଣାଇବାକୁ ସ୍ଥିର ହୋଇଛି । 'ନିଳାଦ୍ରୀ ବିଜେ ପରେ ପରିଚାଳନା କମିଟିର ଏକ ପ୍ରତିନିଧି ଦଳ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ । ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଅନ୍ୟ ନୀତି ନିର୍ଦ୍ଧାରକଙ୍କୁ ଇସ୍କନର ଅଦିନିଆ ରଥଯାତ୍ରା ସମ୍ପର୍କରେ ଅବଗତ କରାଯିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରାଶାସକ ସୂଚନା ଦେଇଛନ୍ତି ।

ଶୁକ୍ରବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ *(ପୃଷ୍ଠା ୭ରେ)*

ନୀଳାଦ୍ରି ବିଜେ ପରେ ରତ୍ନଭଣ୍ଡାର ଗଣତିମଣତି

ପୁରୀ, ୫ ।୬ : ନ୍ୟୁଜ୍ ବ୍ୟୁରୋ

ନୀଳାଦ୍ରି ବିଜେ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ ହେବ । ଶୁକ୍ରବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ପରେ ଏହି ସୂଚନା ଦେଇଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ । ସେ କହିଛନ୍ତି ପରିଚାଳନା କମିଟି ବୈଠକରେ ଦେବସ୍ନାନ ପୂର୍ଣ୍ଣମୀ, ରଥଯାତ୍ରା ଓ ବାହୁଡା ଯାତ୍ରା ନୀତି ନିର୍ଘଣ୍ଟ ଓ ବ୍ୟବସ୍ଥାବଳୀକୁ ଅନୁମୋଦନ କରାଯାଇଛି । ତେବେ ବଡ କଥା ହେଉଛି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଭିତର ରତ୍ନଭଣ୍ଡାରର ଗଣତି *(ପୃଷ୍ଠା ୭ରେ)*

ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ

ପରିବେଶ ସନ୍ତୁଳନ ବଜାୟ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ

ଭୁବନେଶ୍ୱର, ୫ ।୬
ନ୍ୟୁଜ୍ ବ୍ୟୁରୋ

ବ୍ୟଷ୍ଟି, ସମଷ୍ଟି, ସୃଷ୍ଟି ଓ ପରମେଷ୍ଟି, ଅର୍ଥାତ୍ ବ୍ୟକ୍ତି, ସମାଜ ଓ ପରିବେଶ ପରସ୍ପର ପରିପୂରକ । ତେଣୁ ଏହାର ସନ୍ତୁଳନ ବଜାୟ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପ୍ରକାଶ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ପାରମ୍ପରିକ ଚାଷ ପଦ୍ଧତି ପରିବେଶ ସୁରକ୍ଷାରେ ସହାୟକ ଥିଲା, ତେଣୁ ତାହାର ମୂଳ ତତ୍ୱକୁ ଧ୍ୟାନରେ ରଖି ନୂତନ ପ୍ରଣାଳୀ ଅବଲମ୍ବନ କରିବା ଉଚିତ ।

ଏହି ପରିପ୍ରେକ୍ଷୀରେ ସେ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଏକ ସବୁଜ, ସ୍ୱଚ୍ଛ ଓ ଜଳବାୟୁ-ସହନଶୀଳ ଓଡ଼ିଶା ଗଠନ ଦିଗରେ ଦୃଢ଼ତାର ସହ ଅଗ୍ରସର ହେଉଛନ୍ତି । ଜନସଚେତନତା କାର୍ଯ୍ୟକ୍ରମ ଓ

ସମୁଦାୟଭିତିକ ପରିବେଶ ପରିଚାଳନା ମାଧ୍ୟମରେ ପରିବେଶ ସୁରକ୍ଷାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ବିଭାଗ କାର୍ଯ୍ୟ କରୁଛି । ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବା ଆମର ସର୍ବୋଚ୍ଚ ଲକ୍ଷ୍ୟ ବୋଲି ସେ ମତ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ନାଓ ଫର କ୍ଲାଇମେଟ୍ ଅଭିଯାନ ମାଧ୍ୟମରେ ଜଳବାୟୁ-ଅନୁକୂଳ ଜୀବନଶୈଳୀ ଓ ସ୍ଥାୟୀ ପରିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରାଯାଉଛି । ଶୁକ୍ରବାର ଲୋକସେବା ଭବନସ୍ଥିତ କନଭେନସନ *(ପୃଷ୍ଠା ୭ରେ)*

ବସ୍ ଧର୍ମଘଟ ସ୍ଥଗିତ

ଭୁବନେଶ୍ୱର, ୫ ।୬ : ନ୍ୟୁଜ୍ ବ୍ୟୁରୋ

ପ୍ରସ୍ତାବିତ ବସ୍ ଧର୍ମଘଟକୁ ଘରୋଇ ବସ୍ ମାଲିକ ସଂଘ ସ୍ଥଗିତ ରଖିଛି । ବସ୍ ଭଡା ବୃଦ୍ଧି ସହ ଅନ୍ୟାନ୍ୟ ଦାବି ନେଇ ଘରୋଇ ବସ୍ ମାଲିକ ସଂଘ ଆସନ୍ତା ୧୦ ତାରିଖରେ ବସ୍ ଧର୍ମଘଟ ଡାକରା ଦେଇଥିଲା । ତେବେ ପରିବହନ କମିଶନରଙ୍କ ସହ ଆଲୋଚନା ପରେ ବସ୍ ଧର୍ମଘଟ ସ୍ଥଗିତ ଘୋଷଣା କରିଛି ସଂଘ । ଏହାସହ ସରକାରଙ୍କୁ ୨୯ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି । ଦାବି ନଶୁଣିଲେ ୩୦ ପରେ ପୁଣି ବସ୍ ଧର୍ମଘଟ କରାଯିବ ବୋଲି ଘରୋଇ ବସ୍ ମାଲିକ ସଂଘ ଚେତାବନୀ ଦେଇଛି ।

ରାଜ୍ୟସଭା ପ୍ରାର୍ଥୀ ଭାବେ ନାମାଙ୍କନ ଭରିଲେ ଦେବାଶିଷ

ଭୁବନେଶ୍ୱର, ୫ ।୬
ନ୍ୟୁଜ୍ ବ୍ୟୁରୋ

ରାଜ୍ୟସଭା ଉପନିର୍ବାଚନ ପାଇଁ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ବିଜେପି ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ, ଅନ୍ୟ *(ପୃଷ୍ଠା ୭ରେ)*

ଜିଡିପି ଅଭିବୃଦ୍ଧି ୬.୬% ରହିବା ନେଇ ଆକଳନ

ନୂଆଦିଲ୍ଲୀ, ୫ ।୬ : ନ୍ୟୁଜ୍ ବ୍ୟୁରୋ

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ର ଦ୍ୱିତୀୟ ମୁଦ୍ରା ନୀତି ସମୀକ୍ଷା ବୈଠକରେ ରେପୋ ହାର ଅପରିବର୍ତ୍ତିତ ରଖିଛି । ଆରବିଆଇ ଏହାକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ଏହାଦ୍ୱାରା ଗୃହ ଏବଂ କାର ଋଣ ମହଙ୍ଗା ହେବ ନାହିଁ ଏବଂ ଇଏମ୍‌ଆଇ ବୃଦ୍ଧି ପାଇବ ନାହିଁ ।

ଶୁକ୍ରବାର ଦିନ ମୁଦ୍ରା ନୀତି କମିଟି (ଏମପିସି) ର ୩ ଦିନିଆ ଦ୍ୱିମାସିକ ସମୀକ୍ଷା ବୈଠକ ପରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି । ମାଲହୋତ୍ରା କହିଛନ୍ତି ଯେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ଆର୍ଥିକ ସମୀକ୍ଷାରେ ମୁଦ୍ରା ନୀତି କମିଟି (ଏମପିସି) ନିରପେକ୍ଷ ଆଭିମୁଖ୍ୟ ବଜାୟ ରଖି ନୀତିଗତ ରେପୋ ହାରକୁ ୫.୨୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ଏହା ମଧ୍ୟ ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଜି. ଡି. ପି. ଅଭିବୃଦ୍ଧି ୬.୬ ପ୍ରତିଶତ ହେବାର ଆକଳନ କରିଛି ।

ବିଶ୍ୱସ୍ତରୀୟ ଅନିଶ୍ଚିତତା ମଧ୍ୟରେ, ଆମେ ଆତ୍ମବିଶ୍ୱାସ ରଖିଛୁ ଯେ ଆମେ ଆହ୍ୱାନଗୁଡ଼ିକୁ ଅତିକ୍ରମ କରିବୁ ଏବଂ ଅଧିକ ଶକ୍ତିଶାଳୀ ହୋଇ ଉଭା ହେବୁ ବୋଲି ମାଲହୋତ୍ରା କହିଛନ୍ତି । 'ଚଳିତ ବର୍ଷ ପ୍ରକୃତ ମୋଟ ଘରୋଇ ଉତ୍ପାଦ (ଜି. ଡି. ପି.) ଅଭିବୃଦ୍ଧି ଏବେ ୬.୬ ପ୍ରତିଶତ ବୋଲି ଆକଳନ କରାଯାଇଛି', ବୋଲି ସେ କହିଥିଲେ । ଅନ୍ୟପକ୍ଷରେ ଶ୍ରୀ ମାଲହୋତ୍ରା *(ପୃଷ୍ଠା ୭ରେ)*

ଭାରତୀୟଙ୍କ ପାଇଁ ବଡ଼ ଘୋଷଣା କଲା ଜର୍ମାନୀ, ଆବଶ୍ୟକ ହେବନି ଟ୍ରାଞ୍ଜିଟ୍ ଭିସା

ନୂଆଦିଲ୍ଲୀ, ୫ ।୬

ଭାରତୀୟଙ୍କ ପାଇଁ ବଡ଼ ଘୋଷଣା କରିଛି ଜର୍ମାନୀ । ଜର୍ମାନୀ ଦୂତାବାସ ଘୋଷଣା କରିଛି ଯେ ଭାରତୀୟ ନାଗରିକମାନଙ୍କୁ ଆଉ ଜର୍ମାନୀର କୌଣସି ବି ବିମାନବନ୍ଦରରେ ଅଟକି ଅନ୍ୟ ଦେଶକୁ ଯାତ୍ରା କରିବା ପାଇଁ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ପଡ଼ିବ ନାହିଁ । ଦୂତାବାସ ଅନୁଯାୟୀ, ଛାତ୍ର, କର୍ମଜୀବୀ ଏବଂ ପର୍ଯ୍ୟଟକଙ୍କ ସମେତ ବହୁ ସଂଖ୍ୟକ ଭାରତୀୟ ଅନ୍ୟ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଜର୍ମାନ ବିମାନବନ୍ଦର ଦେଇ ଯାତ୍ରା କରନ୍ତି । ଏକ ବିବୃତ୍ତିରେ ଜର୍ମାନୀ ଦୂତାବାସ କହିଛି, 'ଜର୍ମାନୀ ବିମାନବନ୍ଦରରେ ଅଟକି ଅନ୍ୟ ଦେଶକୁ ଯାତ୍ରା କରୁଥିବା ଭାରତୀୟ ନାଗରିକମାନଙ୍କୁ ଆଉ ଟ୍ରାଞ୍ଜିଟ୍ ଭିସାର ଆବଶ୍ୟକତା ପଡ଼ିବ ନାହିଁ । ଏହି ପଦକ୍ଷେପ ୟୁରୋପ, ଉତ୍ତର ଆମେରିକା ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ଯାତ୍ରା କରିବା ସମୟରେ ଜର୍ମାନୀ ବିମାନବନ୍ଦରକୁ ଟ୍ରାଞ୍ଜିଟ୍ ହବ୍ ଭାବରେ ବ୍ୟବହାର କରୁଥିବା ଭାରତୀୟ ଯାତ୍ରୀମାନଙ୍କୁ ଯଥେଷ୍ଟ ଲାଭ ଦେବ ବୋଲି ଆଶା କରାଯାଉଛି । ଦୂତାବାସ କହିଛି, 'ଏହି ନିଷ୍ପତ୍ତି ଭାରତ-ଜର୍ମାନୀ ସମ୍ପର୍କକୁ ଆହୁରି *(ପୃଷ୍ଠା ୭ରେ)*



ଆଜିର ମୁଖ୍ୟ ଖବର

- ଶୁକ୍ରବାର ରାଜଧାନୀ ଭୁବନେଶ୍ୱରର ତାପମାତ୍ରା ୪୧.୧ ଡିଗ୍ରୀ ରେକର୍ଡ କରାଯାଇଛି ।
- ଆସାମରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ: ୧୨ ଜଣ ବିଧାୟକ ମନ୍ତ୍ରୀ ଭାବେ ଶପଥ ନେଲେ ।
- ବିଏସଏଫ ତ୍ରିପୁରା ଠାରୁ ବଙ୍ଗଳା ଏବଂ ବିହାର ପର୍ଯ୍ୟନ୍ତ ସୀମାରେ ପ୍ରତ୍ୟେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି: ଅମିତ ଶାହ ।
- ରାଜ୍ୟସଭା ନିର୍ବାଚନ ପାଇଁ ମଲ୍ଲିକାର୍ଜୁନ ଖଡ଼ଗେ ନାମାଙ୍କନ ଦାଖଲ କଲେ ।
- ଏୟାର ମାର୍ଶଲ ଆଶୁତୋଷ ଦୀକ୍ଷିତ ପରବର୍ତ୍ତୀ ବାୟୁସେନା ଉପମୁଖ୍ୟ ହେବେ, ଜୁଲାଇ ୧ରେ ଦାୟିତ୍ୱ ଗ୍ରହଣ କରିବେ ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୫୭୩ (-୩୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୨୭୫ (-୩୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୬୮୦ (-୨୮)

ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୫ (-୫)

ହିଟୱେଭକୁ ଦୃଷ୍ଟିରେ ରଖି ଖରା ଛୁଟି ବଢାଇବା ଉପରେ ବିଚାର କରୁଛନ୍ତି ରାଜ୍ୟ ସରକାର

ଭୁବନେଶ୍ୱର, ୫ ।୬ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହଜନିତ ହିଟ୍‌ୱେଭ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ସରକାର ସ୍କୁଲଗୁଡ଼ିକର ଗ୍ରୀଷ୍ମକାଳୀନ ଛୁଟି ସମୟକୁ ବଢ଼ାଇବା ବିଷୟରେ ବିଚାର କରୁଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି ।

ଗଣମାଧ୍ୟମ ସହ କଥାବାର୍ତ୍ତା କରିବା ସମୟରେ ମନ୍ତ୍ରୀ କହିଛନ୍ତି ଯେ ଛୁଟି ବଢ଼ାଇବା ସମ୍ବନ୍ଧୀୟ ନିଷ୍ପତ୍ତି ଆସନ୍ତା ଦିନଗୁଡ଼ିକରେ ପାଣିପାଗ ପରିସ୍ଥିତିର ସମୀକ୍ଷା ପରେ ନିଆଯିବ । ମନ୍ତ୍ରୀ କହିଛନ୍ତି, "ଖରା ଛୁଟି ବଢ଼ିବ କି ନାହିଁ, ଏହା ସେ ସମୟର ପରିସ୍ଥିତି ଉପରେ ନିର୍ଭର କରିବ । ସରକାର ସେତେବେଳେ ସ୍ଥିତି ଦେଖି ଶେଷ ନିଷ୍ପତ୍ତି ନେବେ । "

ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟ ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ସର୍ବୋଚ୍ଚ ପ୍ରାଥମିକତା ବୋଲି ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି, "ଯଦି ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହେ, ତେବେ ସ୍କୁଲ ପିଲାମାନଙ୍କ ସୁରକ୍ଷାକୁ ଧ୍ୟାନରେ ରଖି ଛୁଟିର ସମୟସୀମା ବଢ଼ାଯାଇପାରେ ।" *(ପୃଷ୍ଠା ୭ରେ)*

32 YEARS
ସମ୍ବାଦ ଜନିକା
ଭୁବନେଶ୍ୱର, ୬ ଜୁନ୍ ୨୦୨୬ ଶନିବାର

ସ୍ପଷ୍ଟ ଦିବାଲୋକରେ ଚାଲିଛି ଜୁଆଖେଳ:ପୋଲିସ ନୀରବ

ରାଇଘର, ନ୍ୟୁଜ୍ ବ୍ୟୁରୋ

ରାଇଘର ବ୍ଲକରେ ଦିନ ଦାହାଡ଼େ ଚାଲୁଛି ଜୁଆଖେଳ ହେଲେ କୁନ୍ଦେଇ ପୋଲିସ ପ୍ରଶାସନ ସାଜିଛି ନିରବ ଦ୍ରଷ୍ଟା । ନବରଙ୍ଗପୁର ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଜିଲ୍ଲା ହୋଇଥିବା ବେଳେ ଶିକ୍ଷାର ଅଭାବ ଓ ସଚେତନତା ଅଭାବ ଯୋଗୁଁ ଏଠାରେ ବସବାସ କରୁଥିବା ନିରିହ ଆଦିବାସୀ ଅନେକ ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଯୁବଗୋଷ୍ଠୀ ମଦ ପିଇ ମାତାଲ ରହୁଥିବା ବେଳେ ଜୁଆ ମାଫିଆମାନେ ଜୁଆରେ ସାଧାରଣ ଲୋକଙ୍କୁ ଜାବୁଡି ଧରି ଶୋଷଣ କରୁଛନ୍ତି। ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କୁନ୍ଦେଇ ଥାନା ସାପ୍ତାହିକ ବଜାର ଗୁଡ଼ିକ ହେଲା ସୋମବାର ସର୍ଗପାରା ଏବଂ ଆଦି ପାରା ମଝିରେ ବୁଲାଣୀ ପାଖ ଜଙ୍ଗଲ ସାଇଟ୍‌ରେ ଓ ବୁଧବାର ଦିନ ହିରୀ ବଜାରରେ ଭଗବାନ ସିଂ ଓ ଜୟରାମ ନାମକ ଏହି ଦୁଇ ଜଣ ବ୍ୟକ୍ତି ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟରେ ଲୋକଙ୍କୁ ଏକାଠି କରି ଜୁଆ ଖେଳାନ୍ତି। ଏବଂ ଦିନକୁ ଦିନ ଜୁଆଡ଼ିମାନଙ୍କ ଭିଡ଼ ଜମୁଥିବା ବେଳେ ନିରାହ ଆଦିବାସୀ ଜୁଆ ଖେଳି ସର୍ବହରା ହୋଇ ମୁହଁ ଶୁଖେଇ ଘରକୁ ଖାଲି ବେଗଧରି ଫେରୁଥିବା ଦୃଶ୍ୟ ସାମ୍ନାକୁ ଆସିଛି। ଏବଂ ଘରେ ଘରେ ଅପ୍ରୀତିକର ପରିବେଶ ମଧ୍ୟ ସୃଷ୍ଟି ହେଉଥିବା ଖବର ଆସୁଛି। ଜୁଆଡ଼ିମାନେ ପସରା ମେଲେଇ ବସୁଥିବା ବେଳେ ଗରିବ ଆଦିବାସୀ ଖଟିଖିଆ ଘରୁ ଧାନ, ଚାଉଳ, ଟଙ୍କା ପଇସା ଓ ଅନ୍ୟାନ୍ୟ ସାମଗ୍ରୀ ଘରୁ ଚୋରି କରି ଜୁଆରେ ବାଜି ଲଗେଇ ଦେଉଥିବା ସାଧାରଣରେ ଆଲୋଚନା ହେଉଛି । ତେଣୁ ପୋଲିସ ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଦେଖାଯାଉ କୁନ୍ଦେଇ ପୋଲିସ ପକ୍ଷୟରୁ କଣ ପଦକ୍ଷେପ ନିଆଯାଉଛି।

ଏକାଧିକ କାଉଣ୍ଟର ବନ୍ଦ:ହନ୍ତସନ୍ତ ରୋଗୀ

ସିଟି ହସ୍ପିଟାଲ୍‌ରେ ଓପିଡ଼ି ଟିକଟ ପାଇଁ ଲମ୍ବା ଲାଇନ୍

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ସିଟି ହସ୍ପିଟାଲ୍‌ରେ ରୋଗୀ ସେବାକୁ ନେଇ ପୁଣି ଥରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଓପିଡ଼ି ଟିକଟ ପାଇଁ ପ୍ରତିଦିନ ସକାଳୁ ଲମ୍ବା ଲାଇନ୍ ଲାଗୁଛି । ଟିକେଟ୍ ପାଇଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବହୁ ସମୟ ଧରି ଧାଡ଼ିରେ ଠିଆ ହୋଇ ନାହିଁନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଗର୍ଭବତୀ ମହିଳା, ବୟସ୍କ ରୋଗୀ ଏବଂ ଦିବ୍ୟାଙ୍ଗମାନେ ଅଧିକ ଅସୁବିଧା ଭୋଗିବାକୁ ଅଭିଯୋଗ ହେଉଛି । ସିଟି ହସ୍ପିଟାଲ୍ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

ଉପରେ ବ୍ରହ୍ମପୁର ସହର ସମେତ ଏହାର ଆଖପାଖ ଅଞ୍ଚଳର ବହୁ ଗ୍ରାମର ରୋଗୀମାନେ ନିର୍ଭର କରୁଛନ୍ତି। ଏଭଳି ଭାବେ ପ୍ରତିଦିନ ଏକ ହଜାରରୁ ଉର୍ଦ୍ଧ୍ୱ ରୋଗୀ ମେଡ଼ିକାଲ୍‌ର ବିଭିନ୍ନ ବିଭାଗରେ ଚିକିତ୍ସା କରିବାକୁ ଆସିଥାନ୍ତି। ଡାକ୍ତରଙ୍କ ପରାମର୍ଶ ପୂର୍ବରୁ ରୋଗୀଙ୍କୁ ଓପିଡ଼ି ଟିକେଟର ଆବଶ୍ୟକତା ରହିଥିଲା। ଏହାକୁ ଦୃଷ୍ଟିରେ ରଖି ହସ୍ପଟାଲ୍‌ର ପରିସରରେ ୫ରୁ ଅଧିକ ଓପିଡ଼ି କାଉଣ୍ଟର ରହିଥିବା ବେଳେ ବର୍ତ୍ତମାନ ପୁରୁଷ, ମହିଳା ଓ ବରିଷ୍ଠ ନାଗରିକ ନିମନ୍ତେ ମାତ୍ର ୩ଟି କାଉଣ୍ଟର ରହିଛି। ଦୀର୍ଘ ଦିନ ଧରି ଏକାଧିକ ଟିକଟ କାଉଣ୍ଟର ବନ୍ଦ ରହିଥିବାରୁ ମାତ୍ର କିଛି କାଉଣ୍ଟର ଉପରେ ଅଧିକ ଚାପ ପଡୁଛି। ଫଳରେ ସକାଳୁ ଓପିଡ଼ି ସେବା ଆରମ୍ଭ ହେବା ପୂର୍ବରୁ ରୋଗୀଙ୍କ ଭିଡ଼ ଜମୁଛି ଏବଂ ଟିକଟ ସଂଗ୍ରହ କରିବାପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଇତି ମଧ୍ୟରେ ବିଶେଷ କରି ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗମାନେ ବହୁ ସମୟ ଧରି ଲାଇନ୍‌ରେ ଛିଡ଼ା ହେବାକୁ ପଡୁଛି। କର୍ମଚାରୀ ଅଭାବ ଯୋଗୁ ଟିକଟ କାଉଣ୍ଟର ଗୁଡ଼ିକ ସଚଳ ହୋଇପାରୁନାହିଁ। ଯାହାର ସିଧା ପ୍ରଭାବ ସାଧାରଣ ରୋଗୀ ସେବା ଉପରେ ପଡୁଛି। ଅସୁସ୍ଥ ଶରୀର ନେଇ ବହୁ ସମୟ ଧରି ଲାଇନ୍‌ରେ ଠିଆ ହେବା ଅନେକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ ବନ୍ଦ ଥିବା ଟିକଟ କାଉଣ୍ଟର ତୁରନ୍ତ ଖୋଲିବା ସହ ଆବଶ୍ୟକ କର୍ମଚାରୀ ନିଯୁକ୍ତି କରି ରୋଗୀ ସେବାକୁ ସୁଦୃଢ଼ କରିବାକୁ ବୁଦ୍ଧିଜୀବୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ଓ ହସ୍ପିଟାଲ୍ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।

ବ୍ଲକ ସମ୍ମୁଖରେ ବଣିକ ସଂଘର ଧାରଣା

ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ସ୍ଥାନୀୟ ମାଁ ତୁମେରଡଲେନ ବଣିକ ସଂଘ ତରଫରୁ ବ୍ଲକ ସମ୍ମୁଖରେ ଦ୍ୱିତୀୟ ଦିନ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି । ରାସ୍ତା ପ୍ରଶସ୍ତିକରଣ ନାମରେ ଦିର୍ଘ ଦିନ ହେଲା ବ୍ୟବସାୟୀଙ୍କର ଭାଙ୍ଗି ଥିବା ଦୋକାନ ବଜାର ଥଇଥାନ ନହେବାରୁ ବ୍ଲକ ସମ୍ମୁଖରେ ଛୋଟ ଗରିବ ଦୋକାନୀମାନେ ତାଙ୍କର ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି। ଏହି କ୍ଷୁଦ୍ର ଦୋକାନୀମାନେ ଦିର୍ଘଦିନ ଅପେକ୍ଷା କଲାପରେ ମଧ୍ୟ ତାଙ୍କର ହକ୍ ପାଇପାରିନାହାନ୍ତି । ଶିଘ୍ର ରାସ୍ତା ନିର୍ମାଣ କାମ ପୂରଣ କରାଯାଉ, ଉଚ୍ଛେଦ ବ୍ୟବସାୟୀଙ୍କୁ ଶିଘ୍ର ଥଇଥାନର ବ୍ୟବସ୍ଥା କରାଯାଉ, ଥଇଥାନ ସ୍ଥାନରେ ପାନୀୟ ଜଳ, ବିଦ୍ୟୁତ ଏବଂ ମୌଳିକ ସୁବିଧା କରାଯାଉ, ଥଇଥାନ ଦୋକାନୀ ମାନଙ୍କୁ ଯଥୋଚିତ ସହାୟତା ରାଶି ପ୍ରଦାନ କରାଯାଉ ନହେଲେ ଆଗାମୀ ଦିନରେ ଏହା ତିବ୍ର ରୂପ ନେବ ବୋଲି ପ୍ରଶାସନିକ ଅଧିକାରୀ ମାନଙ୍କୁ ଚେତାବନୀ ଦେଇଥିଲେ । ଏହି ପ୍ରଶାସନିକ ଅବହେଳାକୁ ଦୋକାନୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଧାରଣାରେ ମାଁ ତୁମେରଡଲେନ ବଣିକ ସଂଘର ବାଳଗୋପାଳ ଦାସ, ବିଜୁ ବାରିକ, ରାଜୁ ସାହୁ, ଅଜିତ ହଂସ, ଗୋପାଳ ପୁରୋହିତ, ସନ୍ତୋଷ ପଧାନ, ତେଜୁ ରୋହିଦାସ ସମେତ ବହୁ ବ୍ୟବସାୟୀ ପ୍ରଶାସନୀକ ଅଧିକାରୀଙ୍କୁ ନିଜର ହକ୍ ପାଇଁ ଗୁହାରୀ ଜଣାଇଥିଲେ ।

ନିଜ ଘରୁ ତମାଖୁ ବର୍ଜନ ଅଭିଯାନ ଆରମ୍ଭ ପାଇଁ ପରାମର୍ଶ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ଶାଖା ତରଫରୁ ବୌଦ୍ଧ ଗାୟତ୍ରୀ ଶକ୍ତି ପୀଠ ଠାରେ ବିଶ୍ୱ ତମାଖୁ ନିରୋଧ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାର ତମାଖୁ ନିରୋଧ ସେଲ୍‌ର ମୁଖ୍ୟ ପରାମର୍ଶଦାତା ଆଲୋକ ମିଶ୍ର ଯୋଗଦେଇ ତମାଖୁ ସେବନର ଭୟାବହତା ପ୍ରକାଶ କରି ସରକାରଙ୍କର ତମାଖୁ ବର୍ଜନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସଭାରେ ଗାୟତ୍ରୀ ଶକ୍ତି ପୀଠର ମୁଖ୍ୟ ଟ୍ରଷ୍ଟି ଡଃ ପ୍ରବୀର କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ତମାଖୁ ବର୍ଜନ ନିଜ ନିଜ

ଘରୁ ଆରମ୍ଭ କରିବାକୁ ପଡିବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବରେ ବୌଦ୍ଧ ଜିଲ୍ଲା ତମାଖୁ ନିରୋଧ ପ୍ରକୋଷ୍ଠର ପରାମର୍ଶଦାତା ରିତେଶ ତ୍ରିପାଠୀ ଯୋଗଦେଇ ଏହି ବର୍ଷ ବ୍ୟାପୀ କାର୍ଯ୍ୟକ୍ରମରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ପ୍ୟାରୀମୋହନ ଶତପଥୀ ଗୁରୁଦେବ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ନିଶା ନିବାରଣ କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ । ଅନ୍ୟତମ ଅତିଥି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବୌଦ୍ଧ ଶାଖାର ସଂଯୋଜକ ବି.କେ ସରୋଜ ତାଙ୍କ ଅନୁଷ୍ଠାନର ନିଶା ନିବାରଣ କାର୍ଯ୍ୟ ବିଷୟ ପରିପ୍ରକାଶ କରିବା ସହ କିପରି ନିଜକୁ ପରିବର୍ତ୍ତନ କରିବେ ସେ ବିଷୟରେ ଆଲୋଚନା କରିଥିଲେ । ଶେଷରେ ସାମାଜିକ କର୍ମୀ କୃତ୍ତିବାସ ପଲିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ଆର୍ଟ ଅଫ୍ ଲିଭିଙ୍ଗର ସଦସ୍ୟମାନେ ଯୋଗଦେଇଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ମାଧ୍ୟମରେ ତମାଖୁର ଭୟାବହତା ବିଷୟରେ ସ୍ଲୋଗାନ୍ ଦେଇ ସଚେତନତା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୀତାଞ୍ଜଳି ପଟ୍ଟନାୟକ, ଲକ୍ଷ୍ମୀଧର ବେହେରା, ନିରଞ୍ଜନ ସାଆୁଆ, ନାରାୟଣ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଆହାର ଛଡ଼ାଇ ନନେବା ପାଇଁ ଚେତାବନୀ

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଚିଲିକାରେ କୃଷ୍ଣପ୍ରସାଦ ଓ ବ୍ରହ୍ମଗିରି ତହସିଲ ଜରିଆରେ ୪୦ ହଜାର ଏକର ଜବରଦାଖଲ ଚିଙ୍ଗୁଡ଼ି ଘେରି ଗଢି ଉଠିଛି । ଏହି ଘୋଟଲା ଆର.ଆଇ, ତହସିଲଦାର, ଉପଜିଲ୍ଲାପାଳ ଓ ପୋଲିସ ରାଜନେତା ଦ୍ୱାରା ମାଫିଆଙ୍କୁ ମତ୍ସ୍ୟ ସୈରାତ ଜାଗା ନିରୀହ ମତ୍ସ୍ୟଜୀବୀଙ୍କ ଆହାର ଛଡେଇ ନେଉଛନ୍ତି। ୪ ହଜାରରୁ ଉର୍ଦ୍ଧ୍ୱ ମଶାରୀ ଚିଙ୍ଗୁଡ଼ି ଘେରି କରିଛନ୍ତି, ଚଟେଇ କୋଣ, (ସାନ ଅଳ) ଜମ୍ବଲ, ଗେରାଶର, ଚିକଲ ଖଣି, ବୁଦ୍ଧିବର, ଡିଆଁ କୁଦା, ପେଣ୍ଡୁଆ (ନୂଆପଡା) ସିପିଆ, ସାଂକୁସିଆ, ପୋଡାଖିଆ, ଗୀନାପାଲି ଗରଗରୀ ଦେଉଳିଆ, ଗୋବରୀ, ବାହାର ତତରା, ତଳରୀଗୁଡା, ଅନ୍ୟାନ୍ୟ ପାରମ୍ପରିକ ମତ୍ସ୍ୟ ସୈରାତ ପାରମ୍ପରିକ ମାଛ ମରା ପଦ୍ଧତି ଜାଣ, ଡାଟ, ଖଟି ଓ ଖନ୍ଦା ପଭୃତି ସ୍ଥାନ ମାନଙ୍କରେ ଚିଙ୍ଗୁଡ଼ି ଘେରି କରି ମତ୍ସ୍ୟଜୀବୀଙ୍କ ପେଟକୁ ଲାତ ମାରିଛନ୍ତି ଫଳରେ ୭୦ ଭାଗ ମତ୍ସ୍ୟଜୀବୀ ଦାଦନ ଖଟି ନିର୍ଯାତିତ ହେଉଛନ୍ତି । ବର୍ଷକ ୨୦ ହଜାର କୋଟି ମାଫିଆ, ଦଲାଲ ଓ ପ୍ରଶାସନ ଲୋଟୁଛନ୍ତି। ସେଥିପାଇଁ ୨୦୧୮ ମସିହା ଠାରୁ ପ୍ରଶାସନ ଲିଜ୍ ଏଗ୍ରିମେଣ୍ଟ ବା ମତ୍ସ୍ୟ ଉପଗୁଡା ବନ୍ଦ କରିଛନ୍ତି। ସେହି ଉପଗୁଡା ତହସିଲ ଜରିଆରେ ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ମାଧ୍ୟମରେ ସରକାର ପାଖକୁ କୋଟି କୋଟି ଟଙ୍କା ତହବିଲ ଆକାର ପହଞ୍ଚୁଥିଲା। ଏଣୁ ଏହା ସରକାରଙ୍କୁ କ୍ଷତି ପହଞ୍ଚାଇ ପ୍ରଶାସନ, ଚିଙ୍ଗୁଡ଼ି ମାଫିଆ ମାଲାମାଲ ହେଉଛନ୍ତି ମତ୍ସ୍ୟଜୀବୀ ଯେଉଁ ଗରିବକୁ ସେହି ଗରିବ ହେଉଛନ୍ତି। ସି.ଡି.ଏ ମଧ୍ୟ ଠିକ୍ ରୂପ ରେଖା ଦେଉନାହାନ୍ତି, ସାଟେଲାଇଟ୍ ଭୁଲ୍ ରିପୋର୍ଟ ବନାଉଛନ୍ତି। ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ମୌଳିକ ଅଧିକାର ନମିଳିଲେ ଓ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ନହେଲେ ଚିଲିକା ଭିତରେ ମତ୍ସ୍ୟଜୀବୀ ଚିଙ୍ଗୁଡ଼ି ଘେରି ଭାଙ୍ଗିବାକୁ ପଛଘୁଞ୍ଚା ଦେବନାହିଁ । ଆଇନ୍ ହାତକୁ ନେବ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ମତ୍ସ୍ୟଜୀବୀ ଦାବି କରିଛନ୍ତି।

ସାଲେପୁରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଗଣଧାରଣା

ସାଲେପୁର, ନ୍ୟୁଜ୍

ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ ହୋଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ଓ ବିଭିନ୍ନ ପଞ୍ଚାୟତ ନାଗରିକ କମିଟି ପକ୍ଷରୁ ଗଣଧାରଣାରେ ଶତାଧିକ ଜନସାଧାରଣ ବସିଛନ୍ତି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୨ ଡାକ୍ତର ପଦବୀ ରହିଥିବା ବେଳେ ଏବେ ୧୭ ଡାକ୍ତର ନାହାଁନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସାଲେପୁର ବ୍ଲକ ସହିତ ନିଶ୍ଚନ୍ତକୋଇଲି, କିଶନ ନଗର ବ୍ଲକ ଅଞ୍ଚଳର କିଛି ଲୋକ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି । କିନ୍ତୁ ବଡ଼ ପରିତାପର ବିଷୟ ଏଠି ହାତଗଣତି ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟସେବା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ୍ ଭାବରେ ମେଡ଼ିସିନ୍ ମିଳୁନି, ଉପଲବ୍ଧ ସ୍ୱାସ୍ଥ୍ୟସେବାର ସୂଚନା ମିଳୁନି। ସାଧାରଣ ରୋଗୀଟିଏ ପହଞ୍ଚିଲେ ସେବା ବଦଳେ କଟକ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଉଛି। ପ୍ରସୂତି ସେବା ପାଇଁ କୌଣସି ଆନୁସାଙ୍ଗିକ ବ୍ୟବସ୍ଥା ନାହିଁ । ଏଭଳି ଦଶଦଫା ଦାବି ନେଇ ଗଣଧାରଣା ଆରମ୍ଭ ହୋଇଛି । ଏହି ସମସ୍ୟା ସମାଧାନ ପାଇଁ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ରାଜ୍ୟ ସରକାରଙ୍କୁ ପୂର୍ବରୁ ବାରମ୍ବାର ଲିଖିତ ଅଭିଯୋଗ କରାଗଲେ ମଧ୍ୟ ଏହି ଘଟଣାକୁ କର୍ଣ୍ଣପାତ କରୁନାହାନ୍ତି । ପୁନର୍ବାର ସାଲେପୁର ଜନସାଧାରଣ ମାନଙ୍କ ପକ୍ଷରୁ ବିଭିନ୍ନ ଅନୁଷ୍ଠାନ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଦୁରବସ୍ଥା ପ୍ରତି ଜରୁରୀ ପଦକ୍ଷେପ ପାଇଁ ଗତ ୨୦/୫/୨୦୨୬ ତାରିଖରେ ତହସିଲଦାରଙ୍କ ଜରିଆରେ ସ୍ୱାସ୍ଥ୍ୟ ବିଭାଗ ଓ ରାଜ୍ୟ ସରକାରଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏ ସମ୍ବନ୍ଧରେ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ୧/୬/୨୦୨୬ ତାରିଖ ଠାରୁ ସାଲେପୁର ସହରାଞ୍ଚଳ ବିକାଶ ପରିଷଦ ଓ ବିଭିନ୍ନ ପଞ୍ଚାୟତ ନାଗରିକ କମିଟି ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଛି । ଏହି ଗଣଧାରଣାକୁ ସମର୍ଥନ କରି ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ତାଙ୍କର ଶତାଧିକ ସମର୍ଥକଙ୍କ ସହ ଗଣଧାରଣାରେ ସାମିଲ୍ ହେବା ସହ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପାଇଁ ରାଜ୍ୟ ସରକାର ଉପରେ ପ୍ରବଳ ବର୍ଷିଥିଲେ । ତୁରନ୍ତ ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଧ୍ୟାନ ଦେଇ ସମସ୍ୟାର ସମାଧାନ ଦାବି କରିଛନ୍ତି । ନଚେତ୍ ପ୍ରତିବାଦ ଆଗାମୀ ଦିନରେ ଜୋରଦାର୍ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏହି ଗଣଧାରଣାରେ ସହରାଞ୍ଚଳ ବିକାଶ ପରିଷଦ ଅଧକ୍ଷ ନନ୍ଦକିଶୋର ଭୂୟାଁ, ବାଲିସାହି ସରପଞ୍ଚ ପବିତ୍ର ସାମଲ, ନନ୍ଦୋଳ ସରପଞ୍ଚ ଜ୍ଞାନରଞ୍ଜନ ମହାନ୍ତି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି, ପ୍ରସନ୍ନ ମିଶ୍ର, ବିରଞ୍ଚି ନାରାୟଣ କର, ଜୟଦେବ ଷଡଙ୍ଗୀ, ଗୁଲରେଜ ଅଲ୍ଲୀ, ବିନୋଦ ସାମଲ, ବିଭୁତିଭୂଷଣ ଦାଶ, ଜୟରାମ ବେହେରା, ରାଜେଶ ମହାନ୍ତି, ହାଡିବନ୍ଧୁ ମଲ୍ଲିକ, ଶ୍ରୀପତି ଷଡ଼ଙ୍ଗୀ, ପ୍ରତିରଞ୍ଜନ ମହାନ୍ତି, ଗୋପାଳ କୃଷ୍ଣ ଭୂୟାଁ, ହରିହର ସାହୁ, ଗୋପବନ୍ଧୁ ଭୂୟାଁ, ଦୀପକ ରାଉତ, ମୁନା ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ, ଅଶ୍ୱିନୀ ଦାସ, କୈଳାସ ବେହେରା, ଗୋପବନ୍ଧୁ ଭୂୟାଁ, ଧ୍ରୁବ ଚରଣ ଖୁଣ୍ଟିଆ, ଆର୍ତ୍ତତ୍ରାଣ ତ୍ରିପାଠୀ, ପରୀକ୍ଷିତ ବେହେରା ପ୍ରମୁଖଙ୍କ ସମେତ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ ।

ଅସହାୟ ବୃଦ୍ଧାଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସହରର ରାଜଘାଟ ଠାରେ ଶୁକ୍ରବାର ସନ୍ଧ୍ୟାରେ ରାମଲୀଳା ନାଟ୍ୟ ସଂସଦର ସଦସ୍ୟମାନଙ୍କ ପକ୍ଷରୁ ଜଣେ ଅସହାୟ ବୃଦ୍ଧାଙ୍କ ଶବ ସତ୍କାର ସମସ୍ତ ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯାଇଛି। ସୂଚନା ଅନୁଯାୟୀ, ବୌଦ୍ଧ ସହର ବଗିଚାସାହିର ବାସିନ୍ଦା ତରଙ୍ଗିଣୀ ସିଂ ସାମନ୍ତ (୭୮) ୨୦୧୯ ମସିହାରୁ ପୌରପରିଷଦ ପକ୍ଷରୁ ପରିଚାଳିତ ରାତ୍ର ଆଶ୍ରୟସ୍ଥଳୀରେ ରହିଆସୁଥିଲେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ରାତ୍ର ଆଶ୍ରୟସ୍ଥଳୀର କର୍ମକର୍ତ୍ତା କୃପାସିନ୍ଧୁ ହୋତା ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଦସ୍ୟମାନଙ୍କ ସହ ଯୋଗାଯୋଗ କରିଥିଲେ। ଖବର ପାଇବା ପରେ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଉପସଭାପତି ଜୟନାରାୟଣ ମହାନ୍ତିଙ୍କ ସମେତ ଶିରିଶ ବେହେରା, ମନୋଜ ସାହୁ, ବିଦ୍ୟାଧର ପ୍ରଧାନ, ସନ୍ତୋଷ ସାହୁ, ମନୋରଞ୍ଜନ ମିଶ୍ର, କାହ୍ନା ମହାପାତ୍ର ଓ ମିଜୁନ ଘିବେଲା ପ୍ରମୁଖ ରାଜଘାଟରେ ପହଞ୍ଚି ବୃଦ୍ଧାଙ୍କ ଶବ ସତ୍କାର କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରିବାରର ସହଯୋଗ ନଥିବା ପରିସ୍ଥିତିରେ ଜଣେ ଅସହାୟ ବୃଦ୍ଧାଙ୍କୁ ଶେଷ ବିଦାୟ ଦେବା ପାଇଁ ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଦସ୍ୟମାନେ ଆଗେଇ ଆସିଥିବାରୁ ସାଧାରଣ ଲୋକେ ସେମାନଙ୍କ ମାନବିକତା ଓ ସାମା

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୬ ଜୁନ୍ ୨୦୨୬ ଶନିବାର

ଲାଇଟ୍ ଲଗେଇବା ବାହାନାରେ ଖୋଳିଦେଲେ ରାସ୍ତା:ଦୁର୍ଘଟଣା ସମ୍ଭାବନା

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ଏନ୍ଏସିର ୱାର୍ଡ ନମ୍ବର ୫ର ମୁଖ୍ୟ ରାସ୍ତାର ଅବସ୍ଥା ଏତେ ଖରାପ ଯେ ସାଇକେଲ ବା ଯୋଉ ଗାଡି ହେଉ ଟିକେ ବି ଏପଟ ସେପଟ ହେଲେ ଦୁର୍ଘଟଣା ସୁନିଶ୍ଚିତ । କିଛିଦିନ ହେବ ଗଞ୍ଜାମ ଏନ୍ଏସିର ମୁଖ୍ୟ ରାସ୍ତା କୁହାଯାଉଥିବା ଦାମଦରପୁର ଛକଠାରୁ ସାନବଜାର ବଡବଜାର ଏବଂ ଜୟଶ୍ରୀ ଛକ ପୋଲିସ ଷ୍ଟେସନ୍ ଯାଏଁ ଆଲୋକର ବ୍ୟବସ୍ଥା କରାଯାଉଥିବା ଦେଖିବାକୁ ମିଳୁଛି । ହେଲେ ଲାଇଟ୍ ଲଗେଇବା ପାଇଁ ଠିକା ନେଇଥିବା ଠିକାଦାରଙ୍କ ମନାମାନୀ ଦେଖିବାକୁ ମିଳୁଛି । ଏକ ମାସରୁ ଅଧିକା ହେବ ଚାରିପଟେ ରାସ୍ତାକୁ ଖୋଳାଯାଉଛି କିନ୍ତୁ କାମ ସରିଗଲା ପରେ ଖୋଳାଯାଇଥିବା ଦିଭାଇସନ୍‌କୁ

ମରାମତି କରାଯାଉନାହିଁ ଯାହାଫଳରେ ଛୋଟ ପିଲାମାନେ ବଜାରକୁ ସାଇକେଲରେ ଆସୁଥିବା ସମୟରେ ଗାୟାର୍‌ରେ ମୋଟଲ୍ ବାଜି ତଳେ ଛିଟିକି ପଡନ୍ତି ଆଉ ଖଣ୍ଡିଆ ଖବରା ହୋଇ ଘରକୁ ଯାନ୍ତି । ସେଇଭଳି କିଛି ବାଇକ୍ ବିସ୍ଫୁ ହୋଇ ପଡିବାର ଦୃଶ୍ୟ ନଜରକୁ ଆସିଛି ହେଲେ ଠିକାଦାରଙ୍କ ମନମାନି ପାଇଁ ଏହିସବୁ କାମ କେବେ ସରିବ ବୋଲି ସାଧାରଣରେ ଚର୍ଚ୍ଚା ହୋଉଛି । ଏଥିପ୍ରତି ଏନ୍ଏସି ପ୍ରଶାସନ ଦୃଷ୍ଟି ଦେବାପାଇଁ ଦାବି କରିଛନ୍ତି ।

ଜଳେଶ୍ୱରରେ ନୂତନ ଏସ୍‌ଡିପିଓ ଭାବେ ଯୋଗଦେଲେ ସୁରେଶ ତ୍ରିପାଠୀ

ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ନୂତନ ଏସ୍‌ଡିପିଓ ଭାବେ ସୁରେଶ କୁମାର ତ୍ରିପାଠୀ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଏଠାରେ କାର୍ଯ୍ୟରତ ଥିବା ସୁବ୍ରତ କୁମାର ବେହେରାଙ୍କର ଭୁବନେଶ୍ୱର ବଦଳି କରାଯାଇଛି । ଶ୍ରୀ ତ୍ରିପାଠୀ ଆମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ପ୍ରକାଶ କରିଛନ୍ତି ଯେ ଥାନାକୁ ଯେଉଁ ବ୍ୟକ୍ତି ଆସୁଛନ୍ତି ସେମାନଙ୍କୁ ଉତ୍ତମ ବ୍ୟବହାର କରିବା ଓ ଜଳେଶ୍ୱରରେ ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବା ସହିତ ବେଆଇନ୍ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିକୁ ସୁଧାର ଆଣିବା ଏବଂ ବାଲି ଉତ୍ତୋଳନ ରୋକିବା, ସମସ୍ତ ନିଶା କାରବାର ବିଶେଷ କରି ବ୍ରାଉନ୍‌ସୁଗାର୍ କାରବାର ଉପରେ ରୋକ୍ ଲଗାଇବା ପାଇଁ ପ୍ରାଥମିକତା ହେବ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି ।

ଥାଇଲାଣ୍ଡରେ ଫସିଲେ ୪ ଓଡ଼ିଆ ଶ୍ରମିକ:ମୁକୁଳାଇବାକୁ ଓଡ଼ିଶା ସରକାରଙ୍କୁ କଲେ ଅନୁରୋଧ

ପଟ୍ଟାମୁଣ୍ଡାଇ, ନ୍ୟୁଜ୍ ବ୍ୟୁରୋ

ଥାଇଲାଣ୍ଡରେ ଫସିଛନ୍ତି ୪ ଜଣ ଓଡ଼ିଆ ଶ୍ରମିକ । ବର୍ତ୍ତମାନ ସେମାନେ ଭୋକ ଉପବାସରେ କାଳ କାଟୁଛନ୍ତି । ପାଖରେ ନାହିଁ ପାସ୍‌ପୋର୍ଟ, ଚାରିମାସ ହେବ ମିଳୁନି ଦରମା । ଘରକୁ ଫେରାଇ ଆଣିବାକୁ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି ଏହି ଶ୍ରମିକମାନେ । ନିଜ ପରିବାର ପ୍ରତିପୋଷଣ କରିବା ସହିତ ପରିବାର ମୁହଁରେ ଦାନା ଦେଇ ହସ ଫୁଟାଇବା ଲାଗି ଦାଦନ ଖଟିବାକୁ ଯାଇ ଥାଇଲାଣ୍ଡରେ ଫସିଛନ୍ତି କେନ୍ଦ୍ରାପଡ଼ା ରାଜକନିକା ଓ ଆଳି ବ୍ଲକର ଏହି ଚାରି ଓଡ଼ିଆ ଶ୍ରମିକ । ସେମାନେ ହେଲେ ରାଜକନିକା ବ୍ଲକର ଗୋବାଙ୍ଗ ଗାଁର କ୍ଷୀରୋଦ ଦାସ, ପୋଇଝାରିଆ ଗାଁର ମନୋଜ ମଲିକ, ନହୁଣୀ ଗାଁର କୈଳାଶ ସେଠି, ଆଳି ବ୍ଲକ ପଦନୀପାଳ ଗାଁର ନିତ୍ୟାନନ୍ଦ ମଲିକ । କାମକୁ ନଗଲେ ପୋଲିସରେ ଧରାଇ ଦେବା ସହ କମ୍ପାନୀର ମାଲିକ ହତ୍ୟା ଧମକ ଦେଉଥିବା ଅଭିଯୋଗ କରିଛନ୍ତି ଶ୍ରମିକ। ଘରକୁ ଫେରିବାକୁ ଭିଡ଼ିଓ ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି ଏହି ଚାରି ଓଡ଼ିଆ ଶ୍ରମିକ। ସେମାନଙ୍କୁ ସେଠାରୁ ମୁକୁଳାଇବା ପାଇଁ ଓଡ଼ିଶା ସରକାର ଓ କେନ୍ଦ୍ରାପଡ଼ା ସାଂସଦଙ୍କୁ ଅନୁରୋଧ କରିଛନ୍ତି ।

କାଠଯୋଡ଼ି ନଦୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

କଟକ, ନ୍ୟୁଜ୍ ବ୍ୟୁରୋ

କାଠଯୋଡ଼ି ନଦୀ ତ୍ରିଶୁଳିଆ ସୁଭାଷ ସେତୁରେ ଅଘଟଣ । ବ୍ରିଜ୍ ଉପରେ ବ୍ୟାଗ୍ ଓ ଚପଲ ରଖି ଡେଇଁ ପଡିଲେ ଯୁବତୀ । ମହାନଦୀକୁ ଡେଇଁ ଯୁବତୀଙ୍କର ମୃତ୍ୟୁ ହୋଇଛି । ଯୁବତୀଙ୍କ ମୃତଦେହ ଉଦ୍ଧାର କଲା ଅଗ୍ନିଶମ ଟିମ୍ । ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି ବାରଙ୍ଗ ପୋଲିସ । ସୂଚନା ଅନୁଯାୟୀ, କଟକ ତ୍ରିଶୁଳିଆ ସୁଭାଷ ସେତୁ ନିକଟ କାଠଯୋଡ଼ି ନଦୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି । ସେତୁ ଉପରେ ବ୍ୟାଗ୍ ଓ ଚପଲ ପଡ଼ିଥିବା ସକାଳୁ ମର୍ଣ୍ଣିଂ ୱାକ୍ କରୁଥିବା ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ । ବାରଙ୍ଗ ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଯୁବତୀଙ୍କ ମୃତଦେହ ଉଦ୍ଧାର କରିଥିଲେ । ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ୍ ପଠାଇଛନ୍ତି । ତାଙ୍କ ବ୍ୟାଗ୍‌ରୁ ମିଳିଥିବା ଡକ୍ଟର ପ୍ରେସ୍‌କ୍ରିପସନ୍‌ରୁ ସେ ଚନ୍ଦ୍ରିକା ହେମ୍ବ୍ରମ୍ ଏବଂ ତାଙ୍କ ବୟସ ୨୮ ବର୍ଷ ବୋଲି ଜଣାପଡିଛି । ବ୍ୟାଗ୍‌ରୁ ପୋଲିସ ଗୋଟିଏ ମୋବାଇଲ୍ ମଧ୍ୟ ପାଇଛି । ସେତୁ ଉପରୁ ଯୁବତୀ ଜଣକ ନଦୀକୁ ଡେଇଁପଡ଼ିଥିବା ଲୋକେ କହୁଛନ୍ତି । ତେବେ ଯୁବତୀ ଜଣଙ୍କ ସେତୁରୁ ଡେଇଁ ପଡିଛନ୍ତି ନାଁ କେହି ତାଙ୍କୁ ମାରି ଫିଙ୍ଗି ଦେଉଛି ଉଭୟ ଦିଗକୁ ନେଇ ତଦନ୍ତ କରୁଛି ପୋଲିସ ।

////// ଧାମନଗରରେ 'ବିଧାୟକ ମେଧା ସମ୍ମାନ-୨୦୨୬' ପ୍ରଦାନ //////

ଶିକ୍ଷାର ବିକାଶ ପାଇଁ ଗୋଷ୍ଠୀଗତ ଭାଗିଦାରୀ ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗର ମହାବିଦ୍ୟାଳୟ ପରିସରରେ ଏକ ଭବ୍ୟ ସମାରୋହରେ ଚଳିତ ବର୍ଷର ସ୍ୱତନ୍ତ୍ର 'ବିଧାୟକ ମେଧା ସମ୍ମାନ-୨୦୨୬' ପ୍ରଦାନ କରାଯାଇଛି । ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମ ଓ ନିଜ ହାତ ପାଣ୍ଠି ଅନୁଦାନରେ ସାରା ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଶିକ୍ଷକମାନଙ୍କ ସହଯୋଗ ଓ ବଳିଷ୍ଠ ନେତୃତ୍ୱ ଯୋଗୁ ୬ ମାସ ମଧ୍ୟରେ ସମଗ୍ର ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳିଛି । ଶିକ୍ଷାର ଉତ୍ତରୋତ୍ତର ବିକାଶ ଲାଗି ମନ୍ତ୍ରୀ ଏହି ଅବସରରେ ଗୋଷ୍ଠୀଗତ ଭାଗିଦାରୀକୁ ପ୍ରୋତ୍ସାହନ ଦେବାକୁ ଆହ୍ୱାନ ଦେଇଛନ୍ତି । ଏଥିସହ ଆଗାମୀ ଦିନରେ ସ୍କୁଲ କ୍ୟାମ୍ପସଗୁଡ଼ିକୁ ସ୍ମାର୍ଟ ସ୍କୁଲରେ ରୂପାନ୍ତରିତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି । ଏହି ସାରସ୍ୱତ ସମାରୋହରେ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ମୋଟ୍ ୧୩ ଜଣ ଇ୧ ଗ୍ରେଡ୍ ଛାତ୍ରଛାତ୍ରୀଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଛି । ଏଥିସହିତ ଦେଶବନ୍ଧୁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁରଭି ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ କୃତୀ ଛାତ୍ର ସୌମ୍ୟରଞ୍ଜନ ସାମଲ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଞ୍ଚଳ ପାଇଁ ଗୌରବ ଆଣିଥିବା ତିହିଡ଼ି ବ୍ଲକ ଦୋଳସାହି ସ୍ଥିତ ରାମନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଚନ୍ଦନ ଜେନାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି । କୃତୀ ସଂସଦର ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପାଇଁ ମାନପତ୍ର, ଟ୍ରଫି ସହ ପ୍ରତ୍ୟେକଙ୍କୁ ୫,୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ସେହିପରି ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚଳିତ ବର୍ଷ ସମସ୍ତ କ୍ଷେତ୍ରରେ ଉତ୍କୃଷ୍ଟ ଓ ସର୍ବାଙ୍ଗୀନ ପ୍ରଦର୍ଶନ କରି ମହତାବନଗର ସ୍ଥିତ ବାପୁଜୀ ନୋଡାଲ ଉଚ୍ଚ ବିଦ୍ୟାଳୟ 'ବେଷ୍ଟ ପରଫର୍ମିଂ ସ୍କୁଲ' ବା ସର୍ବଶ୍ରେଷ୍ଠ ବିଦ୍ୟାଳୟ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଛି । ବିଦ୍ୟାଳୟସ୍ତରୀୟ ପରିଚାଳନା କ୍ଷେତ୍ରରେ ନିଜ ନିଜ ସ୍କୁଲରୁ ସର୍ବାଧିକ ଛାତ୍ରଛାତ୍ରୀ ଇ୧ ଗ୍ରେଡ୍ ହାସଲ କରାଇ ଧାମନଗର ନିର୍ବାଚନମଣ୍ଡଳୀ ପାଇଁ ସୁନାମ ଆଣିଥିବାରୁ ଶହୀଦନଗର ନୋଡାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟତମା ପାଣିଗ୍ରାହୀ ଏବଂ ବାପୁଜୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁପ୍ତେଶ୍ୱର ସିଂହଙ୍କୁ ସମ୍ମାନଜନକ ପୁରସ୍କାର ସ୍ୱରୂପ ୧୦,୦୦୦ ଟଙ୍କାର ଚେକ୍, ଭବ୍ୟ ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ଉଚ୍ଚ ପ୍ରଶଂସିତ କରାଯାଇଛି । ଅନ୍ୟପକ୍ଷରେ, ଶିକ୍ଷାର୍ଥୀଙ୍କ ମଧ୍ୟରେ ଡ୍ରପ୍‌ଆଉଟ୍ (ସ୍କୁଲ ଛାଡ଼ିବା ହାର) ହ୍ରାସ କରିବାରେ ଉଲ୍ଲେଖନୀୟ ଏବଂ ଆଦର୍ଶ ସଫଳତା ପାଇଁ ଇନ୍ଦ୍ରଗୋବିନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଭିତ୍ତିଭୂମିର ଅଧିକ ବିକାଶ ଲାଗି ବିଧାୟକଙ୍କ ହାତ ପାଣ୍ଠିରୁ ୧୫,୦୦,୦୦୦ ଟଙ୍କାର ଅନୁଦାନ ରାଶି ଘୋଷଣା କରାଯାଇଛି । ଏହା ସହିତ ଏହି ବିଦ୍ୟାଳୟର ସଫଳ ଅଧ୍ୟକ୍ଷ ଶ୍ରୀଯୁକ୍ତ ଖଗେଶ୍ୱର ଜେନାଙ୍କୁ 'ଡ୍ରପ୍ ଆଉଟ୍ ରିଡକ୍ସନ୍ ଆୱାର୍ଡ' ରୂପେ ୧୦,୦୦୦ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି । ସେହିପରି ଚଳିତ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ନାମଲେଖା ହାର ଅଭିବୃଦ୍ଧି କ୍ଷେତ୍ରରେ ଅଭୂତପୂର୍ବ ସଫଳତା ଓ ଶିକ୍ଷା ପ୍ରତି ଅତୁଳନୀୟ ସମର୍ପଣ ପାଇଁ ଦହପାଣିଆ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ବିଧାୟକଙ୍କ ହାତ ପାଣ୍ଠିରୁ ୧୫,୦୦,୦୦୦ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ର ଏବଂ ଏହାର ଦକ୍ଷ ପ୍ରଧାନଶିକ୍ଷକ କାଳୀପଦ ଦାସଙ୍କୁ 'ଏନ୍‌ରୋଲମେଣ୍ଟ ଇନ୍‌କ୍ରିଜ୍ ଆୱାର୍ଡ' ସ୍ୱରୂପ ୧୦,୦୦୦ ଟଙ୍କାର ଚେକ୍, ଟ୍ରଫି ଓ ପ୍ରଶଂସାପତ୍ରରେ ସମ୍ମାନିତ କରାଯାଇଛି । ଏହି ଉଚ୍ଚସ୍ତରୀୟ ସମ୍ମାନ ପ୍ରଦାନ ଉତ୍ସବରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଓ ସାମାଜିକ ସ୍ତରରେ ଶିକ୍ଷକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏଥିସହ ପ୍ରତିଷ୍ଠିତ ଶିକ୍ଷାବିତ୍ ରଘୁନାଥ ପଣ୍ଡା ମୁଖ୍ୟ ବକ୍ତା ଭାବେ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କୃତୀ ଶିକ୍ଷକ ଓ ଉଦୀୟମାନ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଉତ୍ସାହିତ କରିଥିଲେ । ଧାମନଗର ମାଟିର ଏହି ଅଭିନବ ଶିକ୍ଷା କ୍ରାନ୍ତି ଆଗାମୀ ଦିନରେ ସମଗ୍ର ରାଜ୍ୟର ଶିକ୍ଷା ବ୍ୟବସ୍ଥା ପାଇଁ ଏକ ଅନୁକରଣୀୟ ମଡେଲ୍ ସାଜିବ ବୋଲି ଉପସ୍ଥିତ ଅତିଥିମାନେ ଆଶାବ୍ୟକ୍ତ କରିଛନ୍ତି ।

ଏସ୍‌ଆଇଆର୍ କାର୍ଯ୍ୟର ଅନୁଧ୍ୟାନ କଲେ ଉପଜିଲ୍ଲାପାଳ

ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ରୁଟିମୁକ୍ତ କାର୍ଯ୍ୟ ସମ୍ପାଦନ ଉପରେ ଗୁରୁତ୍ୱ

କଟକ, ନ୍ୟୁଜ୍ ବ୍ୟୁରୋ

ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ (ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଅନୁଧ୍ୟାନ କରିବା ନିମନ୍ତେ ବାରବାଟୀ, କଟକ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ କ୍ଷେତ୍ର ପରିଦର୍ଶନ କରିଛନ୍ତି । ପରିଦର୍ଶନ ସମୟରେ ସେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା କରାଯାଉଥିବା ମତଦାତାଙ୍କ ତଥ୍ୟ ସଂଗ୍ରହ, ତଥ୍ୟ ଯାଞ୍ଚ, ଫର୍ମ ବଣ୍ଟନ ପ୍ରକ୍ରିୟାର ସମୀକ୍ଷା କରିଛନ୍ତି । ବାରବାଟୀ କଟକ ଅଞ୍ଚଳର ବୁଥ୍ ନଂ ୩୫, ୩୬, ୪୩, ୪୯, ୫୩, ୧୬୩, ୧୭୨ ଅନ୍ତର୍ଗତ ତୁଳସୀପୁର, ସେଲଟର ଛକ, ଚାନ୍ଦନୀଚୌକ, ରାଧାନାଥ ରୋଡ, ଦେଉଳସାହି ଅଞ୍ଚଳରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ କାର୍ଯ୍ୟ ସମ୍ପାଦନ ବେଳେ ଉପଜିଲ୍ଲାପାଳ ପହଞ୍ଚି ତଦାରଖ କରିଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ତ୍ରୁଟିମୁକ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ଉପଜିଲ୍ଲାପାଳ ଉପସ୍ଥିତ ବିଏଲ୍ଓ ମାନଙ୍କୁ ପରାମର୍ଶ ଦେଇଛନ୍ତି । ବିଶେଷକରି ବାରବାଟୀ ନିର୍ବାଚନ ମଣ୍ଡଳୀର ଭୋଟର ମାନଙ୍କୁ ସଚେତନ କରିବା ପାଇଁ ମଙ୍ଗଳବାର ଏକ ସଚେତନତା ରଥ ଉପଜିଲ୍ଲାପାଳ ଶ୍ରୀ ଦେଓ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ବାରବାଟୀର ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ମତଦାତା ମାନଙ୍କୁ ସଘନ ସଂଶୋଧନ ପ୍ରକ୍ରିୟାର ଗୁରୁତ୍ୱ ସମ୍ପର୍କରେ ସଚେତନ କରୁଛି । ଏଠାରେ ସୂଚନାଯୋଗ୍ୟ, ବାରବାଟୀ ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨,୨୬,୩୫୮ ଜଣ ଥିବାବେଳେ ମ୍ୟାପିଙ୍ଗ ସମୟରେ ୧,୮୦,୧୭୫ ଜଣ ଭୋଟର ଥିବା ଜଣାପଡିଛି । ସେହିପରି ବର୍ତ୍ତମାନ ୨୧୪ଟି ବୁଥ୍ ଥିବାବେଳେ ଆଉ ୬୭ଟି ନୂତନ ବୁଥ୍ କରାଯିବ । ଏସ୍‌ଆଇଆର୍ କାର୍ଯ୍ୟରେ ୭ଜଣ ସହକାରୀ ପଞ୍ଜୀକରଣ ଅଧିକାରୀ, ୧୭ଜଣ ସୁପରଭାଇଜର ଏବଂ ୨୧୪ ଜଣ ବିଏଲ୍ଓ ନିୟୋଜିତ ହୋଇଛନ୍ତି । ଅନ୍ୟପକ୍ଷେ ସ୍ୱତନ୍ତ୍ର ସଘନ ସଂଶୋଧନ (SIR)-୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ପର୍ଯ୍ୟବେକ୍ଷଣ ନିମନ୍ତେ ଚୌଦ୍ୱାର-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ERO) ତଥା ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି । ସେ ଚୌଦ୍ୱାରର ବିଭିନ୍ନ ଅଞ୍ଚଳକୁ ଯାଇ ବିଏଲ୍ଓ, ସୁପରଭାଇଜରଙ୍କ ସହ ଆଲୋଚନା କରିବା ସହ ଲୋକମାନଙ୍କ ମତାମତ ଗ୍ରହଣ କରିଛନ୍ତି । ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ଓ ଯାଞ୍ଚ ପ୍ରକ୍ରିୟାର ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିବା ସହ କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି । ଗତ ମଇ ମାସ ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଆସନ୍ତା ଜୁନ ୨୮ ସୁଦ୍ଧା ଶେଷ ହେବ ।

୯ ମାସ ହେଲା ଦରମା ପାଇନାହାଁନ୍ତି ଚତୁର୍ଥ ଶ୍ରେଣୀ କର୍ମଚାରୀ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲ୍ କାର୍ଯ୍ୟାଳୟରେ ଆଉଟ୍ ସୋର୍ସିଂ ମାଧ୍ୟମରେ ନିଯୁକ୍ତି ପାଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ (ପିଅନ) ମାନଙ୍କୁ ଦୀର୍ଘ ୯ ମାସ ହେଲା ଏମାନଙ୍କର ଦରମା ମିଳୁନଥିବାରୁ ଏମାନେ ବହୁ

ହେଲା ଦରମା ମିଳିନାହିଁ । ଚତୁର୍ଥ ଶ୍ରେଣୀ (ପିଅନ) କର୍ମଚାରୀମାନେ ସେମାନଙ୍କର ପରିବାର ଚଳାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟର ୩୦ ଗୋଟି ଜିଲ୍ଲା ମଧ୍ୟରୁ ସମସ୍ତ ଜିଲ୍ଲାରେ ଚତୁର୍ଥ ଶ୍ରେଣୀ ଆଉଟ୍ ସୋର୍ସିଂ ମାଧ୍ୟମରେ ନିଯୁକ୍ତି ପାଇଥିବା କର୍ମଚାରୀ ମାନଙ୍କର ଦରମା ମିଳିଥିବାବେଳେ କେବଳ କେନ୍ଦ୍ରାପଡା ଜିଲ୍ଲାରେ ଏମାନଙ୍କୁ ଦରମା ପ୍ରଦାନ କରାଯାଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସାମାନ୍ୟ ଦରମା ପାଉଥିବାବେଳେ ଦୀର୍ଘ ୯ ମାସ ହେଲା ଏମାନଙ୍କର ଦରମା ମିଳୁନଥିବାରୁ ଏମାନେ ବହୁ ଅସୁବିଧାରେ ଆସି ସମସ୍ତ କାର୍ଯ୍ୟାଳୟରେ ନିଜର ଡ୍ୟୁଟି ତୁଲାଇଛନ୍ତି । ଏ ନେଇ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା (ସାଧାରଣ), ରବିନ୍ଦ୍ର କୁମାର ମଲ୍ଲିକ (ରାଜସ୍ୱ)ଙ୍କୁ ଭେଟି ଦରମା ପାଇବା ପାଇଁ ବ୍ୟବସ୍ଥା କରିବାକୁ ନିବେଦନ କରିଛନ୍ତି ।

ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସମୀକ୍ଷା

୧୫ ଦିନ ମଧ୍ୟରେ ଶତପ୍ରତିଶତ କାର୍ଡ ବଣ୍ଟନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'ର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଜିଲ୍ଲାର ବ୍ଲକୱାରୀ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟ

ପ୍ରତିଷ୍ଠାତା
32 YEARS
ସମ୍ବାଦ କଳିକା

ଏଆଇ ଦୌଡ଼ରେ ପ୍ରଥମରେ ୟୁଏଇ

ଆଧୁନିକତା ପଛରେ ଧାଇଁଛି ଆଜିର ମଣିଷ । ବ୍ୟସ୍ତବହୁଳ ଜୀବନରେ କାର୍ଯ୍ୟକୁ ସହଜ କରିବାକୁ କୃତ୍ରିମ ବୁଦ୍ଧିମତା ବା ଏଆଇ ଟୁଲ୍‌ର ବଢୁଛି ଆଦୃତି । ଚାଟ୍ ଜିପିଟି ଏବଂ ଜେମିନି ଏଆଇ ଆଦି ଆପ୍ଲିକେଶନ ମାଧ୍ୟମରେ ସେକେଣ୍ଡ ମଧ୍ୟରେ ମିଳିଯାଉଛି ବିଭିନ୍ନ ସମସ୍ୟାର ସମାଧାନ । ଓପନ୍ ଏଆଇ, ଗୁଗୁଲ୍ ଏଆଇ ଏବଂ ଏନ୍‌ଭିଡିଆ ଲୋକଙ୍କ ଦୈନନ୍ଦିନ ଆବଶ୍ୟକତାକୁ ନିଜର ଏଆଇ ଟୁଲ ମାଧ୍ୟମରେ ପୂରଣ କରୁଛନ୍ତି । ବିଭିନ୍ନ କାର୍ଯ୍ୟକୁ ଏଆଇ ସହ ଯୋଡ଼ାଯାଉଛି । ଭାରତ ଭଳି ଏକ ବୃହତ୍ ଡିଜିଟାଲ ଅର୍ଥନୀତି ଲାଗି ଏଆଇ କ୍ଷେତ୍ରରେ ବଢ଼ିବାକୁ ରହିଛି ବିଶାଳ ସୁଯୋଗ । କିନ୍ତୁ ବାଧକ ହେଉଛି ପୁଞ୍ଜିନିବେଶ, ପ୍ରତିଭା ଅନ୍ୱେଷଣ ଆଉ ପରିବେଶ ସମ୍ବନ୍ଧୀୟ କିଛି ଆହ୍ୱାନ... ବିଶ୍ୱର ପଞ୍ଚମ ବୃହତ୍ ଡିଜିଟାଲ ଅର୍ଥନୀତି ହେଉଛି ଭାରତ । ଏହି ତାଲିକାରେ ଶୀର୍ଷ ୫ ରାଷ୍ଟ୍ର ମଧ୍ୟରେ ଏକମାତ୍ର ବିକାଶମୁଖୀ ରାଷ୍ଟ୍ର ଭାବେ ଆମ ଦେଶ ସ୍ଥାନିତ ହୋଇଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ପ୍ରଦର୍ଶନକୁ ନେଇ ପ୍ରସ୍ତୁତ ଏକ ସୂଚକାଙ୍କରେ ଜର୍ମାନୀ, ଫ୍ରାନ୍ସ, ଜାପାନ, କାନାଡା ଏବଂ ଦକ୍ଷିଣ କୋରିଆ ଭଳି ଅର୍ଥନୀତିଗୁଡ଼ିକୁ ପଛରେ ପକାଇ ଭାରତ ହାସଲ କରିଛି ଚତୁର୍ଥ ସ୍ଥାନ । ବିଶ୍ୱ ଏଆଇ ୟୁଜର ସଂଖ୍ୟାରେ ଏହାର ଅଂଶ ୨୬% । କିନ୍ତୁ ଦୁଃଖର ବିଷୟ ହେଉଛି ବିଶ୍ୱରେ ମୋଟ ଘରୋଇ ଏଆଇ ନିବେଶରେ ଭାରତର ଯୋଗଦାନ ରହିଛି ମାତ୍ର ୧% । ଆଇସିଆ ଆଇଇଆ ପ୍ରୋଜସ୍ ସେଣ୍ଟର ଫର ଇଣ୍ଟରନେଟ୍ ଆଣ୍ଡ ଡିଜିଟାଲ ଇକୋନୋମି ପକ୍ଷରୁ ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ଡିଜିଟାଲ ଇକୋନୋମି(ସାଇଡ୍?) ୨୦୨୬ ରିପୋର୍ଟରୁ ଏହା ଜଣାପଡ଼ିଛି । ଏଭଳି ସ୍ଥିତିରେ ଏଆଇ କ୍ଷେତ୍ରରେ ଥିବା ଦେଶର ଲକ୍ଷ୍ୟ ସାଧନକୁ ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ । ବିଶ୍ୱ ଜିଡିପିରେ ୯୬% ଯୋଗଦାନ ରଖୁଥିବା ୭୧ଟି ଦେଶକୁ ନେଇ ପ୍ରସ୍ତୁତ ତାଲିକାରେ ଭାରତ ଲମ୍ବା ଲମ୍ଫ ମାରିଛି । ୨୦୨୫ରେ ଭାରତ ଥିଲା ବିଶ୍ୱର ଅଷ୍ଟମ ବୃହତ୍ ଡିଜିଟାଲ ଅର୍ଥନୀତି । ଦେଶରେ ବର୍ଦ୍ଧିତ ଡିଜିଟାଲ କାରବାର ଯୋଗୁ ୨୦୨୬ରେ ଏହା ୩ଟି ସ୍ଥାନ ଉପରକୁ ଉଠିଛି । ରିପୋର୍ଟରେ ଭାରତର ଡିଜିଟାଲ ଧାରାକୁ ନେଇ ପ୍ରଶଂସା କରାଯାଇଥିବାବେଳେ ଏଭଳି କିଛି ତଥ୍ୟ ସାମ୍ନାକୁ ଆସିଛି, ଯାହାକି ଭାରତର ଏଆଇ ଲକ୍ଷ୍ୟ ହାସଲ ନେଇ ସନ୍ଦେହ ସୃଷ୍ଟି କରୁଛି । ଯାହାର ର୍ୟାଙ୍କିଙ୍ଗ୍ ସହ କୌଣସି ସମ୍ପର୍କ ନାହିଁ । ତାହା ହେଉଛି ଏଆଇ କ୍ଷେତ୍ରରେ ଘରୋଇ ନିବେଶ, ଯାହାକି ବିଶ୍ୱର ମୋଟ ନିବେଶରେ ମାତ୍ର ୧% । ଏଆଇ ନବସୃଜନ କ୍ଷେତ୍ରରେ ଭାରତର ନିବେଶ ନଗଣ୍ୟ ରହିଛି, ଯାହାକି ଚିନ୍ତାର ବିଷୟ । ଏଆଇ ପ୍ରତିଭା କ୍ଷେତ୍ରରେ ଭାରତ ଆଗରେ ରହିଛି । ଯୁକ୍ତରାଷ୍ଟ୍ର ଆମେରିକା ପରେ ଭାରତ ଏଆଇ ପ୍ରତିଭା କ୍ଷେତ୍ରରେ ଦ୍ୱିତୀୟ ବୃହତ୍ ଭଣ୍ଡାର । ଏଆଇ ସମ୍ବନ୍ଧୀୟ ଦକ୍ଷତା କ୍ଷେତ୍ରରେ ଭାରତ ୨୦୨୬ ମାର୍ଚ୍ଚ ସୁଦ୍ଧା ସମଗ୍ର ବିଶ୍ୱରେ ପ୍ରଥମ ରହିଥିଲା । ବିଭିନ୍ନ ପେସାରେ ଏଆଇ କ୍ଷମତାର ବ୍ୟାପକ ବିସ୍ତାର କରାଯାଉଛି । ଏଆଇ ଉପରେ ସାର୍ବଜନିକ ଭରସା କ୍ଷେତ୍ରରେ ଭାରତର ସ୍କୋର ରହିଛି ୮୩.୪% । ଶ୍ରେଷ୍ଠ ୪ ଏଆଇ ରାଷ୍ଟ୍ର ମଧ୍ୟରେ ଏହା ସର୍ବୋଚ୍ଚ । ସିଙ୍ଗାପୁରର ସ୍କୋର ରହିଛି ୫୫.୬% ଏବଂ ଚୀନ୍‌ର ୩୩% । ଏହି ମାପକରେ ଆମେରିକାର କୌଣସି ସ୍କୋର ଉପଲବ୍ଧ ନାହିଁ । ଏଭଳି ଏକ ଯୁଗ, ଯେଉଁଠି ଏଆଇ ନିୟୋଜନ ବୈଷୟିକ ସହିତ ଏକ ଗଭର୍ଣ୍ଣାନ୍ସ ଚ୍ୟାଲେଞ୍ଜ, ସେଠାରେ ଭାରତର ଏହି ସ୍କୋର କିଛି ସାଧାରଣ କଥା ନୁହେଁ । ଭାରତର ଡିଜିଟାଲ କାରବାର ବି ଉତ୍ସାହଜନକ । ୩୨୮ ବିଲିୟନ ଡଲାର ସହିତ ଭାରତ ଡିଜିଟାଲ ସେବା ରପ୍ତାନି କ୍ଷେତ୍ରରେ ଆମେରିକା, ବ୍ରିଟେନ୍ ଏବଂ ଆୟର୍ଲାଣ୍ଡ ପରେ ଚତୁର୍ଥ ବୃହତ୍ ରପ୍ତାନିକାରୀ । ଏକ ନିମ୍ନ ମଧ୍ୟ ଆୟ ରାଷ୍ଟ୍ର ହୋଇଥିବା ସତ୍ତ୍ୱେ ଏହି ସଫଳତା ହାସଲ କରିଛି ଭାରତ । ସମତୁଲ୍ୟ ଆୟ ସ୍ତର ରହିଥିବା ଅଧିକାଂଶ ବିକାଶମୁଖୀ ରାଷ୍ଟ୍ରଗୁଡ଼ିକ ଡିଜିଟାଲ ସେବା କ୍ଷେତ୍ରରେ ନେଟ୍ ଆମଦାନିକାରୀ ରହିଛନ୍ତି । ଦଶନ୍ଧି ଦଶନ୍ଧି ଧରି ଭାରତ ଏକ ବିଶ୍ୱସ୍ତରୀୟ ଆଇଟି ଏବଂ ବିଜ୍‌ନେସ୍ ସର୍ଭିସ କ୍ଷେତ୍ର ବିକଶିତ କରିଛି । ଉକ୍ତ ସଫଳତା ଦେଶର ଡିଜିଟାଲ କାରବାରରେ ସ୍ପଷ୍ଟ ପ୍ରତିଫଳିତ ହେଉଛି । ବିଶ୍ୱର ମୋଟ ଏଆଇ ୟୁଜରଙ୍କ ମଧ୍ୟରୁ ୨୬% ହେଉଛନ୍ତି ଭାରତର । ଚୀନ୍‌ର ରହିଛନ୍ତି ୧୦.୫% । ଯୁକ୍ତରାଷ୍ଟ୍ର ଆମେରିକାର ମାତ୍ର ୮.୧% । ଅର୍ଥାତ୍ ବିଶ୍ୱର ମୋଟ ଏଆଇ ୟୁଜରଙ୍କ ମଧ୍ୟରୁ ଚୀନ୍ ଏବଂ ଭାରତ ମିଳିତ ଭାବେ ଦୁଇ ପଞ୍ଚମାଂଶ ବା ୪୦% ଅବଦାନ ରଖୁଛନ୍ତି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତାର ବିକାଶରେ ହୁଏତ ଆମେରିକୀୟ କମ୍ପାନିଗୁଡ଼ିକର ଦବ୍‌?ଦବା ରହିଥାଇପାରେ। କିନ୍ତୁ ଯେଉଁ ଦେଶଗୁଡ଼ିକ ଏଆଇକୁ ବ୍ୟବହାର କରୁଛନ୍ତି ସେମାନେ ହେଲେ ଅତି କ୍ଷୁଦ୍ର ଅର୍ଥନୀତି। ଏଆଇ ଟୁଲ୍ ବ୍ୟବହାରରେ ସବୁଠୁ ଆଗରେ ରହିଛି ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) । ଏଠାରେ କାର୍ଯ୍ୟ ବୟସରେ ଥିବା ୭୦%ରୁ ଅଧିକ ଲୋକ ଏଆଇର ବ୍ୟବହାର କରୁଛନ୍ତି । ସେହିଭଳି ଦ୍ୱିତୀୟ ସ୍ଥାନରେ ରହିଛି ସିଙ୍ଗାପୁର । ଏହି ଛୋଟ ରାଷ୍ଟ୍ରରେ କାର୍ଯ୍ୟ ବୟସରେ ଥିବା ୬୩% ଲୋକ ଏଆଇ ଟୁଲ୍‌ଗୁଡ଼ିକର ବ୍ୟବହାର କରୁଛନ୍ତି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ବିଶ୍ୱର ଅଗ୍ରଣୀ ଏଆଇ କମ୍ପାନିଗୁଡ଼ିକର ଘର ଭାବେ ପରିଚିତ ଆମେରିକା ଏଆଇ ବ୍ୟବହାରରେ ଶ୍ରେଷ୍ଠ-୨୦ ରାଷ୍ଟ୍ର ମଧ୍ୟରେ ବି ନାହିଁ । ୟୁରୋପ ଏକ ପ୍ରମୁଖ ଏଆଇ ଆଡପ୍‌ସନ ହବ୍ ପାଲଟିଛି । ନରୱେ, ଆୟର୍ଲାଣ୍ଡ, ଫ୍ରାନ୍ସ, ସ୍ପେନ ଏବଂ ନେଦରଲାଣ୍ଡ ସମେତ ୟୁରୋପରେ ଏଆଇ ବ୍ୟବହାର ହାର ୪୦% ଉପରେ ରହିଥିବା ଏକ ରିପୋର୍ଟରୁ ଜଣାପଡ଼ିଛି ।

ଡାକ୍ତର ରାଜକିଶୋର ପଣ୍ଡା
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର
ମୋବାଇଲ ନଂ-
୮୧୪୪୦୪୨୯୯୭

ଏଲ୍.ପି.ଜିର ବିକଳ୍ପ ବାୟୋଗ୍ୟାସ୍

ପୃଥିବୀର ବିଭିନ୍ନ ସ୍ଥାନରେ ଚାଲିଥିବା ଅଶାନ୍ତ ଭୂରାଜନୈତିକ ପରିସ୍ଥିତିର ପ୍ରଭାବ, ବର୍ତ୍ତମାନ ଶକ୍ତି ବଜାର ଉପରେ ପଡ଼ିଛି । ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ କିଛିକାଳ ଇରାନ ଅବରୋଧ କରି ରଖିଲା ପରେ ଏବେ ଆମେରିକା ମଧ୍ୟ ଏହି କାର୍ଯ୍ୟ କରୁଛି । ଖବର ମିଳିଛି ଯେ ଦୁଇପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହୋଇଛି । ତେଣୁ ଏଲ୍.ପି.ଜି, ଅଶୋଧିତ ତୈଳ ଓ ତଦ୍‌ଜନିତ ସାମଗ୍ରୀର ପରିବହନରେ ବିଷମ ସମସ୍ୟା ଉପୁଜିଛି । ଆଗକୁ ମଧ୍ୟ ପରିସ୍ଥିତି ଅନିଶ୍ଚିତ । ଏଲ୍.ପି.ଜିର ସଙ୍କଟକୁ ନେଇ ସୃଷ୍ଟି ହୋଇଥିବା ଆଶଙ୍କା, ବର୍ତ୍ତମାନ ଗୋଟିଏ ପ୍ରଶ୍ନକୁ ଦେଶ ସମ୍ମୁଖରେ ଉତ୍‌ଥାପନ କରିଛି । ପ୍ରଶ୍ନଟି ହେଉଛି କି କ'ଣ ଭାରତ ଆଜିର ସମୟରେ, ନିଜର ଆବଶ୍ୟକ ହେଉଥିବା ଇନ୍ଧନର ଗୋଟିଏ ବୈକଳ୍ପିକ ସ୍ରୋତକୁ ମଜ୍‌ବୁତ କରିବା ଦରକାର କି ? ପ୍ରକୃତରେ ଦେଖିଲେ ଭାରତ ପାଖରେ ଏଭଳି ଏକ ସମ୍ବଳ ଅଛି ଯାହାର ମୂଲ୍ୟ ଏପର୍ଯ୍ୟନ୍ତ ବହୁତ କମ୍‌ଲୋକ ବୁଝିଛନ୍ତି ଓ ଯାହାକୁ ସାଧାରଣତଃ ଅଳିଆ ବା ବର୍ଜ୍ୟ ଭାବି ପରିତ୍ୟାଗ କରି ଦିଆଯାଇଥାଏ। ଫୋପାଡ଼ି ଦିଆ ଯାଉଥିବା ଏହି ପଦାର୍ଥଟିକୁ ଭବିଷ୍ୟତରେ ଗ୍ୟାସ ଉତ୍ପାଦନର ଏକ ପ୍ରମୁଖ ସ୍ରୋତ ଭାବରେ ବ୍ୟବହାର କରାଯାଇ ପାରିବ। ଏହି ପଦାର୍ଥଟି ହେଉଛି ଜୈବିକ ଆବର୍ଜନା ବା ବର୍ଜ୍ୟ ଓ ଏଥିରୁ ଉତ୍ପନ୍ନ ହେଉଥିବା ଗ୍ୟାସ୍‌ର ନାମ ହେଉଛି "ବାୟୋଗ୍ୟାସ୍ ବା ଜୈବ ଇନ୍ଧନ"। ତେବେ ଆଗକୁ ଯିବା ପୂର୍ବରୁ ଏହି "ବାୟୋଗ୍ୟାସ୍" କହିଲେ କ'ଣ ବୁଝାଏ, ତାହା ଉପରେ ଆଲୋକପାତ କରିବା। ବାୟୋଗ୍ୟାସ୍ ମୁଖ୍ୟତଃ ହାଇଡ୍ରୋକାର୍ବନ୍ ଗ୍ୟାସ୍ ଗୁଡ଼ିକର ମିଶ୍ରଣକୁ ବୁଝାଇଥାଏ, ଯେଉଁ ଗୁଡ଼ିକ କି ଦହନଶୀଳ ଓ ଦହନ ହେଲେ, ସେଥିରୁ ଶକ୍ତି ଓ ତାପ ନିର୍ଗତ ହୋଇଥାଏ। ବାୟୋଗ୍ୟାସ୍ ଗୋଟିଏ ଜୈବରସାୟନ ପ୍ରକ୍ରିୟା (Biochemical Process) ଦ୍ୱାରା ସୃଷ୍ଟି ହୋଇଥାଏ। ଯେଉଁଥିରେ ବ୍ୟାକ୍ଟେରିଆମାନେ ଜୈବିକ ବର୍ଜ୍ୟକୁ ବିଘଟନ କରି ଗ୍ୟାସ ଉତ୍ପନ୍ନ କରିଥାନ୍ତି। ଯେହେତୁ ଏହା ଗୋଟିଏ ଜୈବିକ (Biological) ପ୍ରକ୍ରିୟା ଦ୍ୱାରା ଉତ୍ପନ ହେଉଛି ସେଥିପାଇଁ ଏହାକୁ ବାୟୋଗ୍ୟାସ୍ କୁହାଯାଉଛି। ଏହାର ମୁଖ୍ୟ ଉପାଦାନ ହେଉଛି ମିଥେନ(CH4)। ଗୋଟିଏ ଉତ୍କୃଷ୍ଟ ଉଦାହରଣ ବାୟୋଗ୍ୟାସ୍‌ର ହେଉଛି "ଗୋବର ଗ୍ୟାସ୍ ପ୍ଲାଣ୍ଟ"। ଭାରତରେ ପ୍ରତିବର୍ଷ ପାଖାପାଖି ୬୨ ମିଲିଅନ୍ ଟନ୍ କଠିନ ବର୍ଜ୍ୟବସ୍ତୁ ନିର୍ଗତ ହେଉଅଛି, ଯେଉଁଥିରୁ ପାଖାପାଖି ଅଧା ହେଉଛି ଜୈବିକ। କୃଷିକ୍ଷେତ୍ରରୁ ବାହାରୁଥିବା ଫସଲର ଅବଶେଷ, ପଶୁଙ୍କ ମଳ(ଗୋବର ଆଦି), ସହରାଞ୍ଚଳର ଡ୍ରେନେଜ୍ ଜନିତ ବର୍ଜ୍ୟ ଓ ବିଭିନ୍ନ ଖାଦ୍ୟ ଜନିତ ବର୍ଜ୍ୟ ହେଉଛି ଜୈବିକ ବର୍ଜ୍ୟର ଅନ୍ତର୍ଭୁକ୍ତ। ଏହି ସବୁର ପ୍ରୟୋଗ ବାୟୋଗ୍ୟାସ୍ ଓ କମ୍ପ୍ରେସ୍‌ଡ୍ ବାୟୋଗ୍ୟାସ୍‌ର ଉତ୍ପାଦନ ସକାଶେ କରାଯାଇପାରିବ। ବାୟୋଗ୍ୟାସ୍, ଯେଉଁଥିରେ ୯୫ ପ୍ରତିଶତରୁ ଅଧିକ ମିଥେନ ଥାଏ ଓ ଏହା ଉପରେ ୨୫୦ ବାର୍ ଚାପ (Pressure)ର ପ୍ରୟୋଗ କରାଯାଇଥାଏ, ତାହାକୁ କମ୍ପ୍ରେସଡ୍ ବାୟୋଗ୍ୟାସ୍ ବୋଲି କୁହାଯାଇଥାଏ। ସି.ଏନ୍.ଜି. ପରି ଏହାକୁ ଯାନବାହାନରେ ଇନ୍ଧନ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହା ଛଡ଼ା ବାୟୋଗ୍ୟାସ୍‌କୁ ଆମେ ଖାଦ୍ୟ ପ୍ରସ୍ତୁତି, ବିଦ୍ୟୁତ୍ ଉତ୍ପାଦନରେ ମଧ୍ୟ ବ୍ୟବହାର କରିପାରିବା। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର "ସଷ୍ଟେନେବୁଲ୍ ଅଲ୍‌ଟରନେଟିଭ୍ ଟୁଓ୍ୱାର୍ଡସ୍ ଆଫୋର୍ଡେବଲ୍ ଟ୍ରାନ୍‌ସପୋର୍ଟେସନ୍" (ଏସ୍.ଏ.ଟି.ଏ.ଟି) ନାମରେ ଏକ ଯୋଜନା ୨୦୧୮ ମସିହାରେ ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ହେଉଛି, ଜୈବିକ ବର୍ଜ୍ୟରୁ ବାୟୋଗ୍ୟାସ୍‌ର ଉତ୍ପାଦନ ସକାଶେ ପ୍ଲାଣ୍ଟ ମାନ ସ୍ଥାପନ କରିବା ଓ ଗମନାଗମନ ତଥା ପରିବହନରେ ପେଟ୍ରୋଲ, ଡିଜେଲର ବ୍ୟବହାରକୁ କମ୍ କରି ସେଥିରେ ବାୟୋଗ୍ୟାସ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ୨୦୨୫ ସୁଦ୍ଧା ଉପରୋକ୍ତ ଯୋଜନା ଅଧିନରେ ପାଖାପାଖି ଶହେଟି କମ୍ପ୍ରେସ୍‌ଡ ବାୟୋଗ୍ୟାସ ପ୍ଲାଣ୍ଟ କାର୍ଯ୍ୟ କରୁଛି ଓ ଆହୁରି ଅନେକ ଗୁଡ଼ିଏ ପ୍ଲାଣ୍ଟ ଇତି ମଧ୍ୟରେ ନିର୍ମାଣାଧୀନ ଅଛନ୍ତି। ଏହି ବ୍ୟବସ୍ଥାଟିକୁ ବିସ୍ତାର ରୂପ ଦେଲେ, କେବଳ ରୋଷେଇ କାର୍ଯ୍ୟ ନୁହେଁ ବରଂ କୃଷି, ନଗର ପରିଚାଳନା, ପରିବହନ ଓ ଔଦ୍ୟୋଗିକ ବ୍ୟବସ୍ଥାର ମଧ୍ୟ ସୁପରିଚାଳନା ହୋଇପାରନ୍ତା।

ଭାରତର ଗ୍ରାମାଞ୍ଚଳ ବିଶେଷତଃ କୃଷିକ୍ଷେତ୍ରକୁ ଦେଖିଲେ, ସେଠାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ଫସଲର ଅବଶେଷ ଓ ଗୋବର ଆଦି ବାହାରୁଛି। ସେହିପରି ସହରାଞ୍ଚଳରୁ ପ୍ରତିବର୍ଷ ହାରାହାରି ଛଅ କୋଟି ଟନ୍ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି, ଯାହାର ଅଧାରୁ ଅଧିକ ହେଉଛି ଜୈବିକ। ଏହି ଜୈବିକ ବର୍ଜ୍ୟବସ୍ତୁକୁ ଅଦରକାରୀ ଭାବି ଫୋପାଡ଼ି ଦେବା ଫଳରେ ସେମାନେ କ୍ରମାଗତ ଭାବରେ ବିଭିନ୍ନ ସ୍ଥାନରେ ଜମା ରୁହନ୍ତି। ପରବର୍ତ୍ତୀ ସମୟରେ ସେଥିରୁ ମିଥେନ ନିର୍ଗତ ହୋଇ "ଗ୍ରୀନ୍ ହାଉସ୍" ପ୍ରଭାବକୁ ବୃଦ୍ଧି କରିବା ସହିତ ଜମା ଆବର୍ଜନା ଗୁଡ଼ିକ ଡେଙ୍ଗୁ ଓ ମ୍ୟାଲେରିଆର କାରଣ ମଧ୍ୟ ହୋଇଥାନ୍ତି। ତେଣୁ ସେଗୁଡ଼ିକରୁ ବାୟୋଗ୍ୟାସ୍‌ର ଉତ୍ପାଦନ ପରିବେଶ ପାଇଁ ଅନୁକୂଳ ବୋଲି ଆମେ କହିପାରିବା। ଗ୍ରାମାଞ୍ଚଳରେ ଯଦି ସମବାୟ ଭିତ୍ତିରେ ପ୍ଲାଣ୍ଟ ସ୍ଥାପନ କରାଯାଏ, ତାହାହେଲେ ସେଠାକାର ବର୍ଜ୍ୟବସ୍ତୁରୁ ପ୍ରଚୁର ପରିମାଣରେ ବାୟୋଗ୍ୟାସ୍ ଉତ୍ପନ କରାଯାଇ ପାରିବ। ଗ୍ୟାସ୍ ବାହାରିଲା ପରେ ବାକି ଅଂଶକୁ ଖାଦ ରୂପରେ ଆମେ ପୁଣି କୃଷି କ୍ଷେତ୍ରରେ ବ୍ୟବହାର କରିପାରିବା। ଏହାଦ୍ୱାରା ଗୋଟିଏ ଚକ୍ର ବ୍ୟବସ୍ଥା (Cycle) ମଧ୍ୟ କାର୍ଯ୍ୟକାରୀ ହୋଇ ପାରିବ। ଚକ୍ରଟି ହେଉଛି ଏହିପରି, କୃଷିକ୍ଷେତ୍ରରୁ ଜୈବିକ ଆବର୍ଜନା, ପ୍ଲାଣ୍ଟକୁ ଯାଇ ସେଥିରୁ ବାୟୋଗ୍ୟାସ୍ ପ୍ରସ୍ତୁତ ହେବ ଓ ବାକି ଅଂଶ ଖାଦ ରୂପରେ ପୁଣି କୃଷି କାର୍ଯ୍ୟରେ ବ୍ୟବହୃତ ହେବ। ଏହା ନିରନ୍ତର ଭାବରେ ଚାଲୁ ରହିବ। ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ଏହାଦ୍ୱାରା ଆର୍ଥିକ ରୂପରେ ଲାଭବାନ ହୋଇପାରିବେ। ବର୍ତ୍ତମାନ ମହାରାଷ୍ଟ୍ର ଓ ପଞ୍ଜାବର କିଛି ସ୍ଥାନରେ କୃଷକ ନିଜର ଉତ୍ପାଦିତ ଫସଲର ଅବଶେଷ ଓ ଗୋବର ଆଦିକୁ ନେଇ ବାୟୋଗ୍ୟାସ୍ ପ୍ଲାଣ୍ଟକୁ ଯାଉଛନ୍ତି ଓ ବଦଳରେ ସେମାନଙ୍କୁ ପ୍ରାପ୍ୟ ମିଳୁଛି। ସହରମାନଙ୍କରେ ପୌରପାଳିକା ବା ନଗର ନିଗମ ଯଦି ହୋଟେଲ, ବଜାର ଓ ନାଗରିକ ଆବାସସ୍ଥଳୀ ମାନଙ୍କରୁ ବାହାରୁଥିବା ଜୈବିକ ବର୍ଜ୍ୟରୁ ବାୟୋଗ୍ୟାସ୍ ଉତ୍ପନ୍ନ କରନ୍ତେ, ତାହାହେଲେ ସହରାଞ୍ଚଳର ଆବର୍ଜନାର ପରିମାଣ କମିଯାନ୍ତା। ଏହା ସହିତ ସହର ଗୁଡ଼ିକ ପାଇଁ ଏକ ଇନ୍ଧନ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇ ପାରନ୍ତା। କଳକାରଖାନା ଏପରିକି ସୂତାକଳ, କାଗଜ କଳରୁ ପ୍ରଚୁର ପରିମାଣରେ ଜୈବିକ ବର୍ଜ୍ୟ ବାହାରି ପରିବେଶକୁ ପ୍ରଦୂଷିତ କରିଥାଏ। ଏ କ୍ଷେତ୍ରରେ ମଧ୍ୟ ବାୟୋଗ୍ୟାସ୍ ଉତ୍ପନ୍ନ କରାଯାଇ, ସଂପୃକ୍ତ କାରଖାନାଗୁଡ଼ିକରେ ଇନ୍ଧନ ଭାବରେ ବ୍ୟବହାର କରାଯାଇପାରିବ ଓ ଏଲ୍.ପି.ଜି ଉପରୁ ନିର୍ଭରଶୀଳତା କମାଯାଇ ପାରିବ। ପରିସଂଖ୍ୟାନ ତଥ୍ୟ ଉପରେ ଆମେ ବର୍ତ୍ତମାନ ନଜର ପକାଇବା। ଇଣ୍ଟର ନ୍ୟାସ୍‌ନାଲ ଏନର୍ଜି ଏଜେନ୍ସି (IEA) ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତରେ ଜୈବିକ ଇନ୍ଧନ (ଉଭୟ ତରଳ ଓ ବାଷ୍ପୀକୃତ) ର ବ୍ୟବହାର ୨୦୩୦ ସୁଦ୍ଧା ପଚାଶ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାଦ୍ୱାରା ବାହାରୁ ତୈଳ ଆମଦାନୀ ହ୍ରାସ ପାଇବ। ୱାର୍ଲଡ ବାୟୋଗ୍ୟାସ୍ ଆସୋସିଏସନ୍ ଦର୍ଶାଉଛି ଯେ, ଭାରତର ଏହାର ଜୈବିକ ବର୍ଜ୍ୟକୁ ବିନିଯୋଗ କରି ବାର୍ଷିକ ପାଖାପାଖି ୬୨-୯୦ ମିଲିଅନ୍ ମେଟ୍ରିକ୍ ଟନ୍ ବାୟୋଗ୍ୟାସ୍ ଉତ୍ପାଦନ କରିପାରିବ, ଯାହାକି, ୨୦୨୪ରେ ଏହାର ପ୍ରାକୃତିକ ଗ୍ୟାସ୍ (Natural Gas) ଚାହିଦାର ଏକଶହ କୋଡ଼ିଏ ପ୍ରତିଶତ। ୱାର୍ଲଡ୍ ବାୟୋଗ୍ୟାସ୍ ଆସୋସିଏସନ୍ ଏହା ମଧ୍ୟ ଦର୍ଶାଇଛି ଯେ ବର୍ତ୍ତମାନ ଭାରତରେ ପାଖାପାଖି ପାଞ୍ଚ ମିଲିୟନ୍ ବାୟୋଗ୍ୟାସ୍ ପ୍ଲାଣ୍ଟ କାର୍ଯ୍ୟ କରୁଛି। ଯାହାର ମୂଲ୍ୟ ୧.୬୪ ବିଲିୟନ୍ ଡଲାର। ୨୦୩୨ ସୁଦ୍ଧା ବାର୍ଷିକ ୧୦.୨ % ହାରରେ ବଢ଼ି ଏହା ୩.୪୯ ବିଲିଅନ୍ ଡଲାରରେ ପହଞ୍ଚିବ ବୋଲି ସଂସ୍ଥା ଆକଳନ କରିଛି।

ବର୍ତ୍ତମାନ ଭାରତର ରାଜ୍ୟମାନଙ୍କରେ ମହାରାଷ୍ଟ୍ର ବାୟୋଗ୍ୟାସ୍ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି।

ପରିଶେଷରେ ଏହା କହିବା ତରବରିଆ ହେବ ଯେ, ବାୟୋଗ୍ୟାସ୍ ତତ୍‌କ୍ଷଣାତ୍ ଭାରତର ସମସ୍ତ ଶକ୍ତି ଆବଶ୍ୟକତାକୁ ପୂରଣ କରିନେବ। ଦେଶରେ ଇନ୍ଧନ ଗ୍ୟାସ୍‌ର ଚାହିଦା ଅତ୍ୟନ୍ତ ବିଶାଳ କିନ୍ତୁ ଯଦି ଆମେ କୃଷି, ପରିବହନ, ସହରାଞ୍ଚଳ ପରିଚାଳନା ଓ ଔଦ୍ୟୋଗିକ କ୍ଷେତ୍ରରେ ଛୋଟ ଛୋଟ ପ୍ରୟାସ ବାୟୋଗ୍ୟାସ୍‌ର ଉତ୍ପାଦନ ଓ ବ୍ୟବହାର ସକାଶେ କରିବା, ଏହାର ପ୍ରଭାବ ନିଶ୍ଚିତ ଭାବରେ ସୃଷ୍ଟି ହେବ। ଏହାଦ୍ୱାରା ବାହ୍ୟ ଦେଶରୁ ଇନ୍ଧନ ଆମଦାନୀ କ୍ରମାଗତ ଭାବରେ ହ୍ରାସ ପାଇବା ସାଙ୍ଗକୁ ଇନ୍ଧନ ବ୍ୟବସ୍ଥାଟି ମଧ୍ୟ କେନ୍ଦ୍ରୀକୃତରୁ ବିକେନ୍ଦ୍ରୀକୃତ ହୋଇପାରନ୍ତା।

ଆଜି ଭାରତର ଜୈବିକ ବର୍ଜ୍ୟର ଅଧିକାଂଶ ଭାଗ ଅବ୍ୟବହୃତ। ଫସଲ ଅବଶେଷକୁ ଜଳାଇ ଦିଆଯାଉଛି। ସହରର ଜୈବିକ ଆବର୍ଜନାକୁ ଡମ୍ପିଂୟାର୍ଡରେ ଫୋପାଡ଼ି ଦିଆଯାଉଛି। ଏଗୁଡ଼ିକର ସୁବିନିଯୋଗ କଲେ ଭାରତ ଏକ କ୍ଷୁଦ୍ର ସତ କିନ୍ତୁ ଚିରସ୍ଥାୟୀ ଇନ୍ଧନ ବ୍ୟବସ୍ଥା ନିଜ ପାଇଁ କରିପାରିବ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

କାଳନେମି

ଯଶ

ଜୟଶ୍ରୀ ପଟ୍ଟନାୟକ

ଗୁପ୍ତ ରାଜିନାମା

କାମବାଲୀ କାଲିଠାରୁ ଆଉ କାମକୁ ଆସିବନି ଶୁଣି ଆଶ୍ଚର୍ଯ୍ୟ ହୋଇଗଲା ପୁରବୀ। କାହିଁକି ? କ'ଣ ପାଇଁ ? କିଛି ତ' ତାକୁ କହିନି ପୁରବୀ କି ତା କାମରେ ଅନୁପସ୍ଥିତ ରହିଲେ କେବେ ଦରମା ବି କାଟିନି କି ଅସନ୍ତୁଷ୍ଟ ବି ହୋଇନି, ତେବେ କ'ଣ ପାଇଁ ସେ ଅକସ୍ମାତ୍ ଏପରି ନିଷ୍ପତ୍ତି ନେଲା ? ବେଡ଼ରୁମ୍‌କୁ ଯାଇ ପଚାରିଲା ଅନିଶ୍ ତୁମେ କିଛି କହିଲ କି ରାଧା ମାନେ କାମବାଲୀକୁ ? ହଠାତ୍ କାହିଁକି ସିଏ କାଲିଠାରୁ କାମକୁ ଆସିବନି କହିଲା । ଶୁଣି ନ ଶୁଣିଲା ପରି ଅନିଶ୍ ଚୁପ୍ ରହିବାର ଅଭିନୟ କଲେ । ପାଖକୁ ଯାଇ ଦେହକୁ ଟିକେ ହଲାଇ ପୁଣି ପଚାରିଲା ପୁରବୀ.. ଅନିଶ୍ ମୁଁ ତୁମକୁ ପଚାରୁଛି ମୋ ଅନୁପସ୍ଥିତିରେ ତୁମେ ରାଧାକୁ କିଛି କହିଛ କି ? ଟିକେ ହସିଦେଇ କଡ଼ ଲେଉଟାଇ ପେପର୍ ପଢିବାରେ ଲାଗିଗଲେ ଅନିଶ୍ । ପୁରବୀର ମନ ଭାରି ଗୋଳେଇ ଘାଣ୍ଟି ହେଲା, କାଲିଠାରୁ ରାଧା କାମକୁ ଆସିବନି ସେଥିପାଇଁ ନୁହେଁ, କିନ୍ତୁ ସେ କାମ ଛାଡ଼ିଦେବ ବୋଲି ଅଚାନକ୍ କହିବାର କାରଣ କଣ ଅନ୍ଧକାରରେ ରହିଯିବ ? ଏଇ ସୂର୍ଯ୍ୟ ପଶ୍ଚିମ ଆକାଶରେ ଦିଶୁଥିଲେ ଡୁବିଗଲେ, ଆଉ ତାପରେ ଅନ୍ଧକାର ଭିତରେ କଥାଟି ରହସ୍ୟ ହୋଇ କଣ ରହିଯିବ ? ଏହି ଭାବନାରେ ବିଚଳିତ ହୋଇଯାଉଥିଲା ପୂରବୀ । ସୋଫା ଉପରେ ଚା'କପେ ସ୍ୱାମୀ ହାତକୁ ବଢ଼େଇ ଦେଇ ନିଜେ ବି ଚା' ପିଇବାକୁ ଲାଗିଲେ । ଏଇ କିଛିଦିନ ରୋଗରେ ପଡ଼ି ଟିକେ ଅସୁସ୍ଥ ହୋଇପଡ଼ିଥିଲେ, ଔଷଧ ଖାଇବା ପରେ ଟିକେ ସୁସ୍ଥ ଅନୁଭବ କରୁଥିଲେ ପୁରବୀ । ମନରେ ଅନେକ ଦୁଃଖ ଥିଲା କାରଣ ଦଶ ବର୍ଷ ହେଲା ବିବାହ ହେଲେ କୋଳରେ ନଥିଲା ଛୁଆଟିଏ । ମରିଚି କୁଣ୍ଡ ପାଣି, ଅତ୍ରି ଉଷ୍ମପ୍ରସବଣରେ ମକରକୁ ଯାଇ ଗୁଆ ଖୋଜି ଖାଇବା, ଡାକ୍ତରଙ୍କ ପାଖକୁ ଦୌଡ଼ି ଦୌଡ଼ି ଟଙ୍କା ଖର୍ଚ୍ଚ କରି କିଛି ଲାଭ ହେଲାନାହିଁ । ଖାଲି ଔଷଧ ଇଞ୍ଜେକ୍‌ସନ୍, ଗୁଡ଼ାଏ ଟେଷ୍ଟ ସ୍ୱାମୀ ସ୍ତ୍ରୀଙ୍କୁ ନେଇ ହେଲା, ହେଲେ କିଛି ଲାଭ ହେଲାନାହିଁ । ସାହିପଡିଶା, ଶାଶୁଘର, ବାପଘର ସମସ୍ତଙ୍କର ଚିନ୍ତାର କାରଣ ପୁରବୀ, ତାକୁ ଯିଏ ଯାହା କହିଲା ସେ ପୂଜା ସେ କଲା । ଆଣ୍ଠୁଆ ଗୋପାଳଙ୍କୁ ଖାସ୍ ସାଙ୍ଗରେ ଧରି ବୁଲିଲା । ଜଡ଼ି ବୁଟି ଔଷଧ ଯିଏ ଯାହା କହିଲା ସବୁ ଖାଇଲା ପରେ ବି କୋଳ ତାର ଶୂନ୍ୟ । କିଏ କହିଲା ବନ୍ଧୁ ବାନ୍ଧବଙ୍କ ଛୁଆ ଆଣି ପାଖରେ ରଖ ଯେତେବେଳେ ନିଜର ଛୁଆଟେ ହେବ ପଛକେ ତାଙ୍କୁ ଫେରାଇ ଦେବ । କେତେ ପୂଜା, ଓଷା, ବ୍ରତ ସବୁ କରିକି ବି ବିଶ୍ୱାସ ଭରସା ତୁଟିଗଲା ଠାକୁରଙ୍କ ଉପରୁ ।

ହଠାତ୍ କାହିଁକି ପୁରବୀର ମନକୁ ପାପ ଛୁଇଁଲା । ସେଦିନ ରାଧା କହୁଥିଲା ତା'ର ଗୋଟେ ପୁଅ ଅଛି ବୋଲି । ଯେତେ ପଚାରିଲେ ବି ତା ମରଦ କିଏ ଆଉ କଣ କରେ, କୋଉଠି ରୁହେ ରାଧା କେବେ କୁହେନାହିଁ । ପୁରବୀ କେତେଥର କହିଛି ରାଧାକୁ ତୁ କାମକୁ ଆସିଲା ବେଳେ ସାଙ୍ଗରେ ପୁଅଟିକୁ ଆଣି ଆସୁଥିବୁ ଏଇଠି ସେ ଖେଳିବ, ଖାଇବ ପୁଣି ତୁ ଘରକୁ ଗଲାବେଳକୁ ସାଙ୍ଗରେ ନେଇଯିବୁ । ରାଧା କହିଲା ନାଇ ଗୋ ମା ସେନ୍ତା ହେବ ନାହିଁ ତୋର ବାବୁ ଛୁଆକୁ ଦେଖିଲେ ରାଗିବେ । କାହିଁକି ରାଗିବେ ? ପଚାରିଲେ ଆଉ ଉତ୍ତର ଦେଲାନି ରାଧା । ଏଇ କିଛି ଦିନ ହେବ ଲକ୍ଷ୍ୟ କରୁଛି ପୁରବୀ, ରାଧାର ମତି ଗତିକୁ । ଭଲିକି ଭଲି ଜାମା ପଟା ପିନ୍ଧିକି ଆସିଲେ ପଚାରେ ପୁରବୀ ଏତେ ଲୁଗା ତୋତେ କିଏ ଦେଉଛି ଲୋ ରାଧା ? ତୁ ପରା କହୁଥିଲୁ ତୋ ମରଦ କଲିକତାରେ ଫେରି କରେ । କେବେ ତୋ ପାଖକୁ ଆସେ ନା ନାଇ ? ହସିଦେଲା ରାଧା ଆଉ ସେ ହସ ପଛରେ ଥିଲା ଏକ ପ୍ରତାରଣାର କାହାଣୀ ବୋଲି ପୁରବୀ ଜାଣିନି । ଜାଣିବ ବା କେମିତି ? ଅନିଶ୍‌କୁ ଭଲପାଇ ବାହାହେଲା ବୋଲି ବାପା ଘର ଶାଶୁଘର ଦୂରେଇ ଗଲେ, କେହି ବି ନିଜର ବୋଲି ଆଦରିଲେନି ସେଥିରେ ପୁଣି ନିଃସନ୍ତାନ ଯୋଗୁଁ କିଏ କେତେ ପ୍ରକାର କୁହନ୍ତି ତାକୁ ସହିବାକୁ ହୁଏ । ଯେତେ ପାଠ ପଢି ଚାକିରି କର, ମନ ପସନ୍ଦରେ ବାହା ହୁଅ ହେଲେ କୋଳରେ ସନ୍ତାନଟିଏ ଯଦି ନହେଲା ତେବେ ସବୁ ପରିଶ୍ରମ ବୃଥାରେ ଗଲା ଜାଣ ।

ଶରୀର ଅସୁସ୍ଥ ହେତୁ ପୁରବୀର ବାପା ଆସି ଝିଅକୁ ନେଇକି ଗଲେ । ଯିବାର ଦୁଇଦିନ ପରେ ଫୋନ୍ କରିଥିଲା ପୁରବୀ ଅନିଶ୍‌କୁ ମୁଁ ଏଠାରେ ଦୁଇ ଚାରିଦିନ ରହିକି ଫେରିଯିବି ତୁମେ ହୋଟେଲ୍ କିମ୍ବା ଅଫିସ୍ କ୍ୟାଣ୍ଟିନ୍‌ରେ ଖାଇନେବ । ହେଲେ ଅନିଶ୍ କହିଥିଲେ ଉତ୍ତରରେ ତୁମେ ଯେତେ ଦିନ ରୁହ ମୋର ଅସୁବିଧା କିଛି ନାହିଁ ମୁଁ ମ୍ୟାନେଜ୍ କରିଦେବି । ତୁମେ ଖୁସିରେ ବୁଲା ବୁଲି କରି କିଛି ଦିନ ସେଠାରେ କଟାଇ ଆସ । ଗୋଟେ ଡଉଲ ଡାଉଲ ଗର୍ଭିଣୀ ଗାଈ ପରି ରାଧାର ଦେହ । କେବେ କେମିତି ଅଜାଣତରେ ଦୁର୍ବଳତା ବଢିଛି ଅନିଶ୍‌ର ରାଧା ପ୍ରତି । ରାଧାର ମରଦ ସୁଦୂର କଲିକତାରେ ଫେରି ବିକେ । ବର୍ଷକରେ ଥରେ ଦୁଇଥର ଆସି ରାଧାକୁ ଦେଖି କିଛିଦିନ ରହି ପୁଣି ଫେରିଯାଏ । କିଛି ବର୍ଷ ଗଲା ଅନ୍ତେ ଆଉ ସେ ଫେରିଲା ନାହିଁ । କୋଉଠି ରହୁଛି ସ୍ୱାମୀ ବୋଲି ରାଧା କେବେ ପଚାରି ବୁଝିନି ବିଶ୍ୱାସ ଭରସା ଥାଏ ବୋଲି ସମ୍ପର୍କରେ । ସେ ଯେଉଁ ଫୋନ୍ ନମ୍ବର୍ ଦେଇଥିଲା ସେଇଟା ସୁଇଚ୍ ଅଫ୍ ଦେଖାଏ । ଆସିବ ଆସିବ କହି ଅପେକ୍ଷାରେ କଟିଗଲା ଦୁଇ ବରଷ । କେତେଦିନ ମାଆ ଘର ଉପରେ ବୋଝ ହେବ କହି ଦିନେ 'କାମବାଲୀ ଦରକାର' ଏହି ବିଜ୍ଞପ୍ତି ଦେଖି କାଗଜ ପକାଇଥିଲା । ଅନ୍ୟ କାମବାଲୀ ପ୍ରାର୍ଥୀମାନଙ୍କ ସହିତ ସାକ୍ଷାତକାର ପରୀକ୍ଷାରେ ବଛା ହୋଇ କାମରେ ଯୋଗଦେଇଥିଲା ରାଧା । ଧିରେ ଧିରେ ପୁରବୀ ଓ ଅନିଶ୍‌ଙ୍କ ମନ କିଣିନେଲା ।

ପୁରବୀ କେବେ କେମିତି ମାଆ ଘରକୁ ଗଲେ ରାଧା ଘର ସଫା, ଲୁଗାପଟା ସଫା କରିବା ସହିତ ଦି' ମୁଠା ରୋଷେଇ କରି ଅନିଶ୍ ପାଇଁ ଥୋଇ ଦେଇ ଯାଏ ।

ସେଦିନ ସକାଳେ ଘର ଝାଡୁ କରିଦେଇ ଅନିଶ୍ ରହୁଥିବା ରୁମ୍‌କୁ ଚା' ନେଇ ଗଲା ରାଧା ଯେହେତୁ ପୁରବୀ ମାଆ ଘରକୁ ଯାଇଥିଲା । ଅନିଶ୍ ରାଧାକୁ ପାଖରେ ପାଇ ନିଜ ଦୁର୍ବଳତା ପ୍ରକାଶ କଲେ ଆଉ କହିଲେ- ଆମେ ନିଃସନ୍ତାନ, ତୁମେ ତ' ଦେଖୁଛ ଆମେ କେତେ ଆଡ଼େ ଯାଇ ଚେଷ୍ଟା କରି ସନ୍ତାନ ଲାଭରୁ ବଞ୍ଚିତ ହେଲୁ । ତୁମେ ଆମର ବିଶ୍ୱସ୍ତ ଆଉ ତୁମ ଆଗରେ ମୋ ମନକଥା ଖୋଲି କହିବାକୁ ଉଚିତ୍ ମନେ କଲି । ରାଧା ସବୁ କଥା ବୁଝିପାରିଲା, ଆଉ ସଙ୍କୋଚ ପ୍ରକାଶ କରି କହିଲା- ବାବୁ ଏହା କେମିତି ସମ୍ଭବ ? ମୁଁ ଜଣେ କାମବାଲୀ । ଅନିଶ୍ ଟିକେ ହସି କରି କହିଲେ- କାମବାଲୀ କ'ଣ ମଣିଷ ନୁହେଁ ? ମୁଁ ଚାହେଁ ତୋ ପାଖରୁ ସନ୍ତାନଟିଏ, ଯିଏ ମୋର କୂଳ ରକ୍ଷା କରିବ, ଉତ୍ତରାଧିକାରୀ ହେବ । ସେଥିପାଇଁ ମୁଁ ଟିକେ ସ୍ୱାର୍ଥପର ହୋଇପାରେ ହେଲେ ନିଃସନ୍ତାନ ହେବାର ଦୁଃଖ ତ ଦୂରେଇ ଯିବ । ମୁଁ ସେ ସନ୍ତାନକୁ ନିଜର କରିବି, ପାଠ ପଢ଼େଇବି, କୋଳକୁ ନେବି । ତୁମ ପାଖରେ ଛୁଆଟି ବଢୁଥିବା ବେଳେ ତାର ଯତ୍ନ ନେବି ପାଠ ପଢ଼ିବା ବୟସରେ ମୁଁ ତାକୁ ମୋ ପାଖକୁ ତୁମ ଛୁଆକୁ ଆଣିଲା ପରି ନେଇଆସିବି । କେବଳ ତୁମ ମୋ ବ୍ୟତୀତ ତୃତୀୟ ବ୍ୟକ୍ତି, ମୋ ସ୍ତ୍ରୀ ପୁରବୀ ମଧ୍ୟ ଜାଣିପାରିବନି ଏ କଥା । ଭଗବାନଙ୍କ ନିକଟରେ ଶପଥ କରି ମୁଁ କହୁଛି, ତୁ ମୋର ଏହି ଅନୁରୋଧ ରକ୍ଷା କର ରାଧା, ମୋର ବଂଶ ରକ୍ଷା କର ରାଧା ଆଉ କିଛି ଅଧିକ ଆଶା ମୋର ନାହିଁ । ତା'ପରେ ରାଧା ଅନିଶ୍ କଥାକୁ କେବେ ତଳେ ପକାଇନାହିଁ, ଅନିଶ୍ ନିକଟରେ ନିଜକୁ ସମର୍ପି ଦେଇଛି । ସତକୁ ସତ ଅନିଶ୍ ସନ୍ତାନର ମା' ହେଲା ରାଧା । ସେ ବିବାହିତା, ତା ମରଦ ବି ଥିଲା, ପ୍ରଥମ ପୁଅ ବି ଥିଲା । ତା ପୁଅକୁ କେବେ ଆଣେ ନାହିଁ ସାଙ୍ଗରେ, ପଡିଶା ଘରେ ରଖି କାମକୁ ଆସେ ତେଣୁ ପୁରବୀ ସନ୍ଦେହ କରିବାର କିଛି କାରଣ ନଥିଲା । ଏଥର ପୁଅଟି ଜନ୍ମ ହେଲାପରେ ତା'ର ମେଡିକାଲ୍ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇଲେ ଅନିଶ୍ । ରାଧା ତା'ର ଦେଖା ରଖା କରେ । ଛୁଆଟି ବଡ଼ ହେଲା ପରେ ଅନିଶ୍ ଓ ପୁରବୀ ସେ ଛୁଆଟିକୁ ଦେଇ ଦେବାକୁ କହିଲେ । ରାଧାର ବାତ୍ସଲ୍ୟ ମମତା ସେ ପୁଅଟି ଉପରୁ ତୁଟି ନଥିଲା ତଥାପି ପ୍ରତିଶୃତି ପାଳନ କରି ବାଧ୍ୟ ହୋଇ ଟେକି ଦେଇଥିଲା କୁନି ପୁଅଟିକୁ ଅନିଶ୍ ଓ ପୁରବୀ ହାତକୁ । ହଠାତ୍ ଦିନେ ଖବର ଆସିଲା କଲିକତାରୁ ରାଧାର ସ୍ୱାମୀ ଆସୁଛନ୍ତି, ସାଙ୍ଗରେ ରଧାକୁ ନେଇ କଲିକତା ଫେରିଯିବାକୁ । କାଳେ ରାଧାର ସ୍ୱାମୀ ଦ୍ୱିତୀୟ ସନ୍ତାନର ବାପା କିଏ ଏକଥା ପଚାରିବ, ତା ଆଗରୁ ରାଧା ମନସ୍ଥ କଲା କାମବାଲୀ ଚାକିରି ଛାଡି ଘରେ ରହିବାକୁ । ପୁରବୀ ଯଦି କେବେ କଥା ପ୍ରସଙ୍ଗରେ ସ୍ୱାମୀକୁ କହିଦେବେ କି ରାଧାର ଦ୍ୱିତୀୟ ଛୁଆକୁ ଆମେ ନେଇଛୁ ଯୋଉ ସନ୍ତାନର ବାପା ଖୋଦ୍ ଅନିଶ୍ ବୋଲି ପୁରବୀ ସମ୍ପୂର୍ଣ୍ଣ ଅଜ୍ଞ । ରାଧା ମନରେ ଏକଥା ବେଳେ ବେଳେ ଝଡ଼ ସୃଷ୍ଟି କରେ । ପ୍ରକୃତରେ ଛୁଆ କାହାର ରାଧା ଜାଣେ ଆଉ ଅନିଶ୍ ମଧ୍ୟ । କିନ୍ତୁ କିଛି ଗଣ୍ଡଗୋଳ ହୋଇ ସତ୍ୟ ଘଟଣା କଣ ଧରା ପଡିବା ଆଗରୁ ରାଧା କାମବାଲୀ ଚାକିରି ଛାଡ଼ିଦେବା ତାପକ୍ଷେ ଖୁବ୍ ମଙ୍ଗଳ ହେବ ଭାବି ପୁରବୀକୁ ଜଣେଇ ଦେଇଥିଲା ଯେ ମୋ ମରଦ କାହା ଘରେ ପତ୍ନୀ କାମ କରୁ ବୋଲି ପସନ୍ଦ କରନ୍ତିନି । ତେଣୁ ସେ ଆସୁଛନ୍ତି ମୋତେ କଲିକତା ନେଇଯିବାକୁ । ଆପଣଙ୍କୁ ନୂଆ କାମବାଲୀ ମିଳିଯିବ ମାଡାମ୍ । ପୁରବୀ କାମ ଛାଡିବାର କାରଣ ଖୋଜୁଥିଲା ଆଉ ଅନିଶ୍ ମନେ ମନେ ହସି କାମବାଲୀ ରାଧାକୁ କହିଲା ଆମେ ଜନ୍ମ ଜନ୍ମ ତୁମ ଋଣରେ ବୁଡି ରହିଲୁ । ଯେବେ ନିଜର ଭାବିବ ସ୍ୱାମୀ ସହ ଆସି ଥରେ ବୁଲି ଦେଇ ଯିବ ଆମ ଘର । ଯିବାର ଇଚ୍ଛା ନଥିଲେ ବି ରୁମାଲ୍‌ରେ ଲୁହ ପୋଛିଲା ରାଧା, ଟିକି ପୁଅ ଆଡ଼େ ଅନେଇ ଟିକେ ଗେଲ କରି ସେଇଠୁ ବାହାରିଗଲା । ପୁରବୀ ବି କାନ୍ଦୁଥିଲା ଆଉ ଅନିଶ୍ ସେ ଯାଉ ନା ପୁରବୀ ତାକୁ ଯିବାକୁ ଦିଅ ଆମେ ଆଉ ଜଣେ କାମବାଲୀକୁ ତା' ସ୍ଥାନରେ ରଖିଦେବା କହି ସାନ୍ତ୍ୱନା ଦେଉଥିଲା । ମନେ ମନେ ଭଗବାନଙ୍କୁ ଅନେକ ଧନ୍ୟବାଦ୍ ଜଣାଉଥିଲା ଅନିଶ୍ ।

ଗଙ୍ଗାନଗର, ଭୁବନେଶ୍ୱର
ମୋ-୭୯୭୮୧୨୦୪୭୪

କେମିତି ବାନ୍ଧିବି ଦୋଳି

କବିତା ମହାନ୍ତି

କେମିତି ବାନ୍ଧିବି ଦୋଳି ସଙ୍ଗୀତ ଲୋ
କେମିତି ବାନ୍ଧିବି ଦୋଳି
ଚାଲ ଫେରିଯିବା ପୁରୁଣା ଦିନକୁ
ପଡିଯିବ କାଲି ହୁରି

କେମିତି ବାନ୍ଧିବି ଦୋଳି ବଉଳ ଲୋ
କେଉଁଠି ବାନ୍ଧିବି ଦୋଳି
ମନ ଖାଲି ମୋର ଆଉଟି ହୁଏଲୋ
ଗଲା କଥା ଭାଳି ଭାଳି

ଗଛ ନାହିଁ ଡାଳ ନାହିଁ ସଙ୍ଗୀତ ଲୋ
ସେକାଳ ପଖାଳ ନାହିଁ
ନାହିଁ ଆମ୍ବ ତୋଟା ଚାକୁଣ୍ଡା ଗଛ ଲୋ
ଖାଲି ଝାଞ୍ଜିଖରା ଝାଇଁ ଝାଇଁ

କେମିତି ବାନ୍ଧିବି ଦୋଳି ସଜନୀଲୋ
କାହା ପାଇଁ ବାନ୍ଧିବି ଦୋଳି
ପିଲାଏ ଆମର ସହରୀ ହୋଇଲେ
ଭିଟା ମାଟି ଗଲେ ଭୁଲି

ପୋଡ଼ ପିଠା କଣ, ଜାଣିଲେ ନାହିଁ ସେ
ସୁଆଦିଆ ବାଡ଼ି ଆମ୍ବ ପଣସ
ଡାଏଟ୍ ଚାର୍ଟରେ ରହିଲେ ସେମାନେ
ଆମ୍ଭେ କି କହିବା ହେ କିସ

କାହିଁ କାଳେ ଅଧେ ଆସିଲେ ଗାଆଁକୁ
ଓଳିଏ ରହିକି ଯିବେ
ସାଙ୍ଗରେ ଥିବ ଯେ ମିନେରାଲ୍ ୱାଟର
ରାଗି, ଓଟ୍ସ, ଦଲିଆ ଖାଇ ରହିବେ

ଗାଁ ମୁଗ ଡାଲି, ଉଷୁନା ଚାଉଳ
ପୋଖରୀ ମାଛର ସ୍ୱାଦ
କାହୁଁ ବା ଜାଣିଲେ ଅସଲି ସୁଆଦ
ଗାଇ ଘିଅରେ ରହିବ

ଗାଁ ପାଣି ମାଟିରେ ବଢ଼ିଥିଲୁ ଆମେ
ରୋଗ ଆମକୁ ଛୁଇଁ ନାହିଁ
କି କହିବି ସଙ୍ଗୀତ ନକହିବା କଥାଲୋ
ଅଣ୍ଡା, ଆଣ୍ଠୁ, ଗ୍ୟାସ୍ ରୋଗରେ
ଆଜିକାଲି ପିଲାଏ ଘାଣ୍ଟି ହୋଇଥାଇ

ଯେମିତି ରୁହନ୍ତୁ ଭଲରେ ରୁହନ୍ତୁ
ଏତିକି ମାଗୁଣି ମୋର
ଖାଁ ଖାଁ ଘର ଡିହଟାରେ ଖାଲି
ପଡିଛୁ ଦୁଇ ବୁଢା ବୁଢୀ ଏଥର

ସତ କରି ମୋତେ କହଲୋ ବଉଳ
ଆସିବ କି ସେ କାଳ ଫେରି
ହସ ଖୁସି ଟିକେ ଫେରି ଆସିବ କି
ଘରେ ବାହାରେ ସବୁରି ।

ଶୈଳନିବାସ, ନିଗମାନନ୍ଦ ନଗର, ଭୁବନେଶ୍ୱର
ମୋ-୯୯୩୭୩୪୮୨୫୦

ନିଶ୍ଚେ ସିଏ ସାହିତ୍ୟିକ

ଶ୍ୟାମା ପ୍ରସାଦ ମିଶ୍ର

ମୋଟା ହେଉ ଅବା ମୋଟି
ହୋଇଥାଉ ଚନ୍ଦା କି ଚାନ୍ଦ ତା ଭେକ,
ଗୋରା ହେଉ ଅବା କଳା
ରଙ୍ଗର ସେ ଶାବନା ହେଉ ତା ମୁଖ,
ଆଙ୍କେ ଜୀବନର ଚକ୍ର,
ବୟସ ତ ଏକ ସଂଖ୍ୟା ମାତରକ
ନିଶ୍ଚେ ସିଏ ସାହିତ୍ୟିକ ।୧

କବିତାରେ ନବ ମଲ୍ଲିକା
ଫୁଟାଏ ଗଳପ ଗଛେ ଗୋଲାପ,
ପ୍ରବନ୍ଧେ ନିବନ୍ଧ ରଚନା କରି
ସେ ଛାଣି ଦିଏ ପୁଣ୍ୟ ପାପ,
ଅଟେ ସେ ନବ ଦୀପକ,
ନକଲ ନ କରି ମୌଳିକ ଲେଖେ ଯେ
ନିଶ୍ଚେ ସିଏ ସାହିତ୍ୟିକ ।୨

ନିଜେ କେବେ ମଧ୍ୟ ବଜାଇ ନ ଥାଏ
ସିଏ ନିଜର ଢୋଲକ,
ଶୋଷଣ ବିରୁଧେ ଚଳାଏ କଲମ
ନ ସାଜି ସିଏ ଶୋଷକ,
ଜୀବନ ପରା ନାଟକ,
ବାୟକ ଗାୟକ ନାୟକ ହିଁ ଯିଏ
ନିଶ୍ଚେ ସିଏ ସାହିତ୍ୟିକ ।୩

ଅନ୍ୟ ଦୁଃଖେ ଦୁଃଖୀ ପର ସୁଖେ ସୁଖୀ
ପିଏ ଯେ ଦୁଃଖର ଢୋକ,
ଲାଭ ପାଇଁ ଯିଏ କାଟେ ନାହିଁ କେବେ
ପର ଆପଣାର ବେକ,
ନୁହେଁ କେବେ ଆବେଗିକ,
ଢୋକେ ପିଇ ଦଣ୍ଡେ ଜିଇଁ ଯେ ପାରିଛି
ନିଶ୍ଚେ ସିଏ ସାହିତ୍ୟିକ ।୪

ଡାକ ହାକ କରି ଅନେକ ଲୋକଙ୍କୁ
ସାଜେନି ନିଜେ ନାୟକ,
ମଞ୍ଚରେ ଆପଣା ସ୍ଥାନ ପାଇଁ କେବେ
ରଚେନି ଯୋଜନା ଏକ,
ଅନ୍ୟମାନେ ପୋକଜୋକ,
ଧିକ୍ ତା ଜୀବନ ଲୋକ
ଆଖିରେ ସେ ଝୁଣାମରା ସାହିତ୍ୟିକ ।୫

ଚକ ଅଖ ନଖ ପଢ଼ି ମଧ୍ୟ ଭାବେ
ନିଜେ ବଡ ସାହିତ୍ୟିକ,
ଅନେକ ଥିଲେ ହେଁ ଆପଣାକୁ ସିଏ
ମଣେ ସତେ କିବା ପିକ (କୋଇଲି),
ବେସୁରା କବିତା ଦେଖ,
ରୁକ୍ଷ ବାକ୍ୟ ଲେଖି ଭାବେ ସେ ନିଜକୁ
କବିସମ୍ରାଟୁ ଅଧିକ,
ସିଏ ମଧ୍ୟ ସାହିତ୍ୟିକ ।୬

ସମାଜ ହିତରେ ଶ୍ରୋତାଙ୍କ ତାଳିରେ
ମାରି ଦିଏ ପେଟ ଭୋକ,
ଯା' ସ୍ତମ୍ଭ, କବିତା, କାହାଣୀ ହୃଦୟେ
ଆଙ୍କିଦିଏ ଗାର ଛକ,
ନଖୁଁ ନାକଯାଏଁ ଶୋକ-
ପୋଛି ଯେ ପାରିଛି
ନିଶ୍ଚେ ସିଏ ସାହିତ୍ୟିକ ।୭

ଶିକ୍ଷକ, ପିଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ
ମୋ-୯୦୯୫୦୭୯୫୫

ତୁମେ ଆଉ ମୁଁ

ମଞ୍ଜୁଲତା ସାହୁ

ତୁମେ ଫେରିଯାଇଥିବା ମଗୁଶିର ସ୍ମୃତି
ମୁଁ ପହିଲି ପଉଷ ଶୀତ,
ତୁମେ ସରିଆସୁଥିବା ପାହାନ୍ତି ସପନ
ଯାର ଭାବନାରେ ମୁଁ ତୃପ୍ତ.... ! !(୧)

ତୁମେ କାକରରେ ଭିଜା ନିବିଡ ଅନ୍ଧାର
ମୁଁ ସଜ ଶେଫାଳୀର ଦେହ,
ତୁମେ ନୂଆ ସକାଳର ଅଯୁତ ଆକାଂକ୍ଷା
ମୋ ହୃଦର ଅଜଣା କୋହ.... ! !(୨)

ତୁମେ ମୁଦା ଲଫାପାରେ ହୃଦୟର ଭାଷା
ମୋ ଅବୁଝା ମନର ଗୀତି,
ତୁମେ ଗୋପନ ଗପର ଅବୁଝା ସଂଳାପ
ମୋ ଭାବନାରେ ତୁମେ ଇତି.... ! !(୩)



ତୁମେ ଅଦିନ ଆକାଶେ ଭସା ମେଘ ଗୋଟେ
ମୁଁ ସୁନା ଷୋରିଷ କ୍ଷେତଟେ,
ତୁମେ ଅସ୍ତ ରାଗର ଅଳସ ଗୋଧୂଳି
ମୋ ଅସମ୍ପୂର୍ଣ୍ଣ ଇଚ୍ଛା ଗୋଟେ.... ! !(୪)

ତୁମେ ଅଶୁଣା, ଅପଢା, ଅଲେଖା କବିତା
ମୁଁ ଅଚଳ ଲେଖନୀ ଗୋଟେ,
ତୁମେ କଳ୍ପବଟେ ବନ୍ଧା ସସ୍ତ୍ର ଜନ୍ମ ଭାବ
ମୋ ଜିଇଁବାର ପ୍ରେରଣାଟେ.... ! !(୫)

ସ୍ମୃତିର ପ୍ରାଚୀର ଡେଇଁ

ଶରତ ଦାଶ



ଲେସ ହୋଇଯେବେ ଫେଡିଆସେ ମନ
ପ୍ରେମିକାର ସ୍ମୃତି ଡେଇଁ
ଉଦାସପଣରେ ବୁଡ଼ିଯାଏ ଆତ୍ମା
ନିରାଶା ମଥାନ ଛୁଇଁ ।।
ଖଟା ମିଠା କେତେ ଘଟିତ ଘଟଣା
କାହାଣୀର ରୂପ ନେଇ
କ୍ଷଣକେ ହସାଇ କ୍ଷଣକେ କନ୍ଦାଇ
ନଦୀ ହୋଇଯାଏ ବହି ।।
ନିଶବ୍ଦେ ଶୁଭଇ ବିଗତ ପ୍ରେମିକା
ମଧୁଝରା ମିଠା କଥା
ତୁମେ ମୋ ଜୀବନ ବୋଲି କହୁଥିଲା
ଲୋତକେ ଝରାଇ ବ୍ୟଥା ।।
କରିଥିଲା ପଣ ମୋ ବିନା କାହାକୁ
କରିବନି କେବେ ପ୍ରେମ
ଜିଇବ ସାଥୀରେ ମରିବ ସାଥୀରେ
ହେଲେ ହେଉ ବିହି ବାମ ।।
ଭାବପ୍ରବଣତା ସବୁ ହେଲା ବୃଥା
କଳ୍ପନାର ଇନ୍ଦ୍ରଜାଲ
ଛିଡିଗଲା ଆହା କେତେ ସହଜରେ
ନକହିବା ଏବେ ଭଲ ।।
କେତେ ସ୍ୱପ୍ନ ଆଜି ନେଲାଣି ସମାଧି
ସମୟର ସିକତାରେ
କେତେ ଚିହ୍ନାମୁହଁ ହେଲାଣି ଅଚିହ୍ନା
ବୟସର ପ୍ରଭାବରେ ।।
ଭବିଷ୍ୟତ ପଥ ହେଲାଣି ସୀମିତ
ଯୌବନ ଗଲାଣି ଦୂରେ
ସ୍ମରଣ ଦୁର୍ବଳ ପଡେନାହିଁ ମନେ
ନାମ ଗ୍ରାମ ସମୟରେ ।।
ଇନ୍ଦ୍ରୀୟ ଶିଥିଳ ଦେହ ହୀନବଳ
ଆୟୁଷ ହେଲାଣି କ୍ଷୟ
ତଥାପି ଅନ୍ଧାର ହୋଇନି ସଂପୂର୍ଣ୍ଣ
ଅସ୍ତାଚଳ ରଙ୍ଗମୟ ।।
ଆଶାର ପ୍ରଦୀପ ଜଳୁଛି ଏବେବି
ବାସୁଛି ଚନ୍ଦନ ମଲ୍ଲୀ
କରିଛି ପ୍ରତୀକ୍ଷା କେବେ ଦାମୋଦର
ଆସିବେ ଦୁଆର ଖୋଲି ।।

ଭୁବନେଶ୍ୱର

ମଶା ଉପଦ୍ରବ

ଚନ୍ଦନ କୁମାର ଦାସ

ମଶା ଉପଦ୍ରବ
ପୁଳାଏ ଆବର୍ଜନାର
ଆଶ୍ରାରେ ମାତି ଯାଆନ୍ତି ଟେଳାଏ ମଶା
ଠିକ୍ ତା ପରେ ଲାଗିପଡ଼ନ୍ତି
ବୁନ୍ଦାଏ ବୁନ୍ଦାଏ ରକ୍ତ ଶୋଷିବା କାର୍ଯ୍ୟରେ

ପ୍ରଥମେ ଦିନରାତି ଆସି
କାନ ପାଖରେ ବଜାନ୍ତି ତାଙ୍କର ମଧୁର ଧୂନ୍
ମଧୁର ସଂଗୀତ
ବିରକ୍ତ ଲାଗିଲେ ବି
ସେମାନେ କିନ୍ତୁ ଛାଡନ୍ତି ନାହିଁ
ସନ୍ତର୍ପଣେ ଆସି ପୁଣି ବଜାନ୍ତି
ତାଙ୍କର ପୁରୁଣା ଗୀତ

ତା ପରେ କେଡ଼େ ଯତ୍ନରେ ଆସି
ବସି ଯାଆନ୍ତି ଦେହ ଉପରେ

ସତେ ଯେମିତି ଗୋଟାପଣେ ଏ ଦେହଟା ତାଙ୍କର
ଆଉ ରକ୍ତ ଶୋଷିବା ତାଙ୍କର ଅ

32 YEARS
ଧ୍ରୁବ ଝଙ୍କାର
ଭୁବନେଶ୍ୱର,୦୬ ଜୁନ୍, ଶନିବାର, ୨୦୨୬
ପୃଷ୍ଠା – ୬

କାଂସ୍ୟ ପାଇଁ ଖେଳିବ ୧୮ ବର୍ଷରୁ କମ୍ ମହିଳା ହକି ଦଳ

କାକାମିଗାହାରା

ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତ କଡ଼ା ସଂଘର୍ଷ କରି ୧-୩ (୨-୨) ସୁଟ୍‌ଆଉଟ୍‌ରେ ଚୀନ୍‌ଠୁ ହାରି ଯାଇଛି । ଫଳରେ ଭାରତ ଏବେ କାଂସ୍ୟ ପାଇଁ ଶନିବାର କୋରିଆ ସହ ଖେଳିବ । ଅନ୍ୟଏକ ସେମିଫାଇନାଲ୍‌ରେ କୋରିଆ ୦-୧ ଗୋଲ୍‌ରେ ଜାପାନଠୁ ପରାସ୍ତ ହୋଇଛି । ଶୁକ୍ରବାର ପ୍ରଥମ ସେମିଫାଇନାଲ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ଭଲ ଆରମ୍ଭ କରିଥିଲା । ତୃତୀୟ ମିନିଟ୍‌ରେ ଓଡ଼ିଆ ଝିଅ ତଥା ଅଧିନାୟିକା ସ୍ୱିଟି କୁଜୁରଙ୍କ ଚମତ୍କାର ପାସ୍‌କୁ ନେସୀନ ନାଜ୍ ଗୋଲ୍‌ରେ ପରିଣତ କରି ଦଳକୁ ୧-୦ରେ ଆଗୁଆ ରଖିଥିଲେ । ୨୧ତମ ମିନିଟ୍‌ରେ ଚୀନ୍‌କୁ ମିଳିଥିବା ପେନାଲ୍‌ଟି କର୍ଣ୍ଣରକୁ ଲି ଜି ୟାନ୍ ଗୋଲ୍‌ରେ ପରିଣତ କରି ସ୍ଥିତି ସମାନ କରିଥିଲେ । ତୃତୀୟ କ୍ୱାର୍ଟରରେ ଝାଙ୍ଗ ୟୁଝେଙ୍ଗ (୪୮ ମିନିଟ୍)ଙ୍କ ଗୋଲ୍‌ରେ ଚୀନ୍ ୨-୧ରେ ଆଗୁଆ ହୋଇଯାଇଥିଲା । ଶେଷ କ୍ୱାର୍ଟରରେ ଓଡ଼ିଆ ଝିଅ କିରଣ ଏକ୍କାଙ୍କ ଗୋଲ୍‌ରେ ନିର୍ଦ୍ଧାରିତ ସମୟରେ ମ୍ୟାଚ୍ ୨-୨ ସମାନ ସ୍ତରରେ ଶେଷ ହୋଇଥିଲା । ତେଣୁ ଫଳାଫଳ ଲାଗି ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା । ଏଥିରେ ଭାରତ ୧-୩ରେ ପଛରେ ପଡ଼ି ଫାଇନାଲ୍ ଖେଳିବାରୁ ବଞ୍ଚିତ ହୋଇଥିଲା ।

୧୮ ବର୍ଷରୁ କମ୍ ପୁରୁଷ ଏସିଆ କପ୍ ହକି

ପାକିସ୍ତାନକୁ ହରାଇ ଫାଇନାଲ୍‌ରେ ଭାରତ

କାକାମିଗାହାରା

ଭାରତ ଶନିବାର ସ୍ୱର୍ଣ୍ଣ ପଦକ ପାଇଁ ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତ ପ୍ରବେଶ କରିଛି । ଶୁକ୍ରବାର ସେମି ଫାଇନାଲ୍‌ରେ ଭାରତ ୫-୩ ଗୋଲ୍‌ରେ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଏହି ସଫଳତା ପାଇଛି । ପାନକୁ ଭେଟିବ । ପ୍ରଥମ ସେମି ଫାଇନାଲ୍‌ରେ ଜାପାନ୍ ୮-୧ ଗୋଲ୍‌ରେ ମାଲେସିଆକୁ ମାତ୍ ଦେଇଥିଲା ।

ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ୍‌ର ଦ୍ୱାଦଶ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍‌ଟି ଷ୍ଟ୍ରୋକ୍‌କୁ ଆଶିଷ ତାନି ପୂର୍ତ୍ତି ଗୋଲ୍‌ରେ ପରିଣତ କରି ଦଳକୁ ପ୍ରଥମ କ୍ୱାର୍ଟରରେ ଆଗରେ ରଖିଥିଲେ । ତେବେ ଦ୍ୱିତୀୟ କ୍ୱାର୍ଟରରେ ପାକିସ୍ତାନର ଆଦିଲ୍ (୨୭ ମିନିଟ୍) ଗୋଲ୍‌ଟି ଶୁଝି ସ୍ଥିତି ସମାନ କରି ଦେଇଥିଲେ । ତୃତୀୟ କ୍ୱାର୍ଟରରେ ଶାହରୁଖ ଖାନ୍ (୩୫ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପୁଣି ଆଗୁଆ ହୋଇଯାଇଥିଲା । ଏହାପରେ ଅସ୍‌ଲାନ୍ ମହମ୍ମଦ ଫରାନ (୩୭ ମିନିଟ୍) ଓ ଉଜେର ଅହମ୍ମଦ କ୍ୟୁରେସୀ (୪୨ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ପାକିସ୍ତାନକୁ ତୃତୀୟ କ୍ୱାର୍ଟର ସୁଦ୍ଧା ୩-୨ରେ ଆଗରେ ରଖିଥିଲେ । ତେବେ ଶେଷ କ୍ୱାର୍ଟରରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ୩ ଗୋଲ୍ ଲଦି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା । ଦଳକୁ ମିଳିଥିବା ୩ଟି ପେନାଲ୍‌ଟି କର୍ଣ୍ଣରକୁ ଆଶିଷ ତାନି ପୂର୍ତ୍ତି ଲଗାତାର ଗୋଲ୍‌ରେ ପରିଣତ କରି ଭାରତକୁ ୫-୩ରେ ବିଜୟ ଭେଟି ଦେଇଥିଲେ । ସେ ୪୯, ୫୩ ଓ ୫୬ ମିନିଟ୍‌ରେ ଏହି ଗୋଲ୍ ତ୍ରୟ ଦେବା ସହ ମୋଟ ଉପରେ ୪ ଗୋଲ୍ କରି ପାକିସ୍ତାନର ପରାଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ ।

୧୫୦ ଟେଷ୍ଟ ଆୟୋଜନରେ ଲର୍ଡସ ହେଲା ବିଶ୍ୱର ପ୍ରଥମ

ଲଣ୍ଡନ

ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି 'କ୍ରିକେଟ୍‌ର ଘର' ରୂପେ ପରିଚିତ ଇଂଲଣ୍ଡର ଲର୍ଡ୍ସ ଷ୍ଟାଡିୟମ୍ । ୧୫୦ ଅନ୍ତର୍ଜାତୀୟ ଟେଷ୍ଟ୍ ମ୍ୟାଚ୍ ଖେଳାଯାଇଥିବା ବିଶ୍ୱର ପ୍ରଥମ ଷ୍ଟାଡିୟମ୍ ପାଲଟିଛି ଲର୍ଡ୍ସ । ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଟେଷ୍ଟ ହେଉଛି ଏଠାରେ ଖେଳାଯାଇଥିବା ୧୫୦ତମ ଟେଷ୍ଟ । ଚଳିତ ଟେଷ୍ଟ ପୂର୍ବରୁ ଖେଳାଯାଇଥିବା ୧୪୯ ଟେଷ୍ଟ୍ ମଧ୍ୟରୁ ୫୧ଟି ଡ୍ର ହୋଇଥିବାବେଳେ ୯୮ରେ ଫଳାଫଳ ବାହାରିଥିଲା । ଏସବୁ ଟେଷ୍ଟ୍‌ରୁ ମୋଟ ୧୪୩,୭୮୬ ରନ୍ ସ୍କୋର ହୋଇଥିବାବେଳେ ବୋଲରମାନେ ୪୬୨୭ ୱିକେଟ୍ ନେଇଛନ୍ତି । ସର୍ବାଧିକ ଟେଷ୍ଟ୍ ଖେଳାଯାଇଥିବା ଷ୍ଟାଡିୟମ୍ ତାଲିକାରେ ଲର୍ଡ୍ସ ପଛକୁ ରହିଛି ଅଷ୍ଟ୍ରେଲିଆର ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ (୧୧୮), ସିଡନି କ୍ରିକେଟ୍ ଗ୍ରାଉଣ୍ଡ (୧୧୪), ଲଣ୍ଡନ ସ୍ଥିତ କେନିଙ୍ଗଟନ୍ ଓଭାଲ୍ (୧୦୮) ଓ ଓଲ୍ଡ ଟାଫୋର୍ଡ (୮୬) ।

ଫିଫା ବିଶ୍ୱକପରେ ଚମକିବେ ଭାରତୀୟ ବଂଶୋଦ୍ଭବ

ନୂଆଦିଲ୍ଲୀ

ଆଉ ମାତ୍ର ଦିନ କେଇଟା ପରେ ଆରମ୍ଭ ହେବ ୨୩ତମ ଫିଫା ବିଶ୍ୱକପ୍ । ସମଗ୍ର ବିଶ୍ୱ ଫୁଟବଲ୍ ପ୍ରେମୀ ବିଶ୍ୱକପ୍‌କୁ ନେଇ ଉତ୍ସାହିତ । ଭାରତ ମଧ୍ୟ ଏଥିରୁ ବାଦ୍ ଯାଇ ନାହିଁ । ଯଦିଓ ଭାରତୀୟ ଦଳ ପ୍ରତିଥର ଭଳି ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜ୍ଜନ କରିବାରେ ବିଫଳ ହୋଇଛି, ତଥାପି ଅଗଣିତ ଫୁଟବଲ ପ୍ରେମୀ ବିଶ୍ୱକପର ରୋମାଞ୍ଚକର ମୁକାବିଲା ଓ ପ୍ରିୟ ଖେଳାଳିମାନଙ୍କୁ ଦେଖିବା ପାଇଁ ଆଗ୍ରହର ସହ ଅପେକ୍ଷା କରିଛନ୍ତି । ଭାରତ ବିଶ୍ୱକପ୍ ଖେଳୁ ନଥିଲେ ମଧ୍ୟ ଏଥର କିଛି ଭାରତୀୟ ବଂଶୋଦ୍ଭବ ବିଶ୍ୱକପ ଖେଳିବେ । ଶେଷ ଥର ପାଇଁ ଭାରତୀୟ ବଂଶୋଦ୍ଭବ ଭାବେ ବିକାଶ ଧୋରାସୁ ୨୦୦୬ ବିଶ୍ୱକପ୍ରେ ଫ୍ରାନ୍ସ ଦଳର ସଦସ୍ୟ ରହିଥିଲେ । ଏଥର ୩ଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ଭିନ୍ନ ଭିନ୍ନ ଦଳରେ ରହିଛନ୍ତି ।

ଶରପ୍ରୀତ ସିଂହ (ନ୍ୟୁଜିଲାଣ୍ଡ) : ନ୍ୟୁଜିଲାଣ୍ଡ ଏଥର ଏସନିଆ ଗ୍ରୁପ୍‌ରୁ ବିଶ୍ୱକପ୍ ଟିକେଟ୍ ହାସଲ କରିଛି । ନ୍ୟୁଜିଲାଣ୍ଡ ବିଶ୍ୱକପ୍ ଦଳରେ ରହିଛନ୍ତି ଭାରତୀୟ ବଂଶୋଦ୍ଭବ ଶରପ୍ରୀତ ସିଂହ । ଦଳର ସେ ମୁଖ୍ୟ ମିଡ୍ ଫିଲ୍ଡର । ଶରପ୍ରୀତ ଅକଲାଣ୍ଡ ଜନ୍ମିତ ଓ ସ୍ଥାୟୀ ବାସିନ୍ଦା । ତାଙ୍କ ପୂର୍ବଜ ଭାରତର ପଞ୍ଜାବ

ସହରରେ ଅବସ୍ଥାନ କରୁଛନ୍ତି । ଶରପ୍ରୀତ ଭାରତ ପକ୍ଷରୁ ଖେଳିବା ପାଇଁ ମଧ୍ୟ ଯୋଗ୍ୟ । ମାତ୍ର ସେ ନ୍ୟୁଜାଲାଣ୍ଡକୁ ଚୟନ କରିଛନ୍ତି । ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ସେ ୨୦୧୯ରେ ବାୟର୍ନ ମ୍ୟୁନିଚ୍ ପକ୍ଷରୁ ବୁନ୍ଦେସ ଲିଗା ଖେଳିଥିଲେ । ବର୍ତ୍ତମାନ ସେ ପର୍ତ୍ତୁଗାଲ କ୍ଲବ୍ ଉନିଆଓ ଡି ଲେରିଆ ପକ୍ଷରୁ ଖେଳୁଛନ୍ତି । ନ୍ୟୁଜିଲାଣ୍ଡ ପକ୍ଷରୁ ଶରପ୍ରୀତ ୨୬ଟି ମ୍ୟାଚ ଖେଳି ୩ଟି ଗୋଲ୍ କରିବା ସହ ୭ଟି ଗୋଲରେ ସହାୟତା କରିଛନ୍ତି ।

ତହସିନ ମହମ୍ମଦ ଜାମସିଦ (କତାର) : କତାର ଦଳରେ ଯୁବ ଡ୍ରିଙ୍ଗର ଭାବେ ସ୍ଥାନ ପାଇଛନ୍ତି ତହସିନ ମହମ୍ମଦ ଜାମସିଦ । ବୟସ ମାତ୍ର ୧୯ ବର୍ଷ । ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ସେ କତାର ଷ୍ଟାର୍ସ ଲିଗ୍ ଖେଳୁଛନ୍ତି ସମ୍ଭ୍ରାନ୍ତି ଚର୍ଚ୍ଚାରେ ଅଛନ୍ତି । ଜାମସିଦ କତାରରେ ଜନ୍ମ ଗ୍ରହଣ କରିଥିଲେ ହେଁ ତାଙ୍କ ପରିବାର କେରଳର କୁନ୍ନୁର ଅଞ୍ଚଳରେ ରହୁଛନ୍ତି । ଜାମସିଦଙ୍କ ବାପା ଜଣେ ପେସାଦାର ଫୁଟବଲ ଖେଳାଳି ଥିଲେ । ବିଶ୍ୱକପ ପାଇଁ ଘୋଷଣା କରାଯାଇଥିବା ପ୍ରାଥମିକ ୩୪ ଜଣିଆ ଦଳରେ ଜାମସିଦଙ୍କୁ ସ୍ଥାନ ମିଳିଛି । ଚୂଡ଼ାନ୍ତ ୨୬ ଜଣିଆ ଦଳ ଘୋଷଣା ହୋଇନଥିଲେ ବି ଜାମସିଦ ସ୍ଥାନ ବଜାୟ ରଖିବା ଏକ ପ୍ରକାର ନିଶ୍ଚିତ । ଜାମସିଦ ଦୋହା ସ୍ଥିତ ଅଲ୍ ଦୁହୈଲ କ୍ଲବ ପକ୍ଷରୁ ଖେଳୁଛନ୍ତି । ନିଜର ଡ୍ରିବଲ୍ କୌଶଳ, ବଲ୍ ନିୟନ୍ତ୍ରଣ ଓ ଦ୍ରୁତ ବେଗକୁ ନେଇ ବେଶ୍ ଚର୍ଚ୍ଚିତ ।

ନିଆଲ ମାସୋନ (କତାର) : କତାର ପକ୍ଷରୁ ଖେଳିବାକୁ ଯାଉଥିବା ଆଉ ଜଣେ ଭାରତୀୟ ବଂଶୋଦ୍ଭବ ହେଉଛନ୍ତି ନିଆଲ ମାସନ । ନିଆଲଙ୍କ ମା' ଭାରତୀୟ ଓ ବାପା ଆମେରିକୀୟ । ନିଆଲ ଡିଫେଣ୍ଡର ଭାବେ ଦଳରେ ସ୍ଥାନ ପାଇବା ଏକ ପ୍ରକାର ନିଶ୍ଚିତ । ସେ ପୂର୍ବରୁ ରିୟଲ ମାର୍ଦ୍ଦ, ସାଉଦମ୍ପଟନ ଓ ଆଷ୍ଟନ୍ ଭିଲ୍ଲା ଏକାଡେମୀରେ ପ୍ରଶିକ୍ଷଣ ନେଇ ସାରିଛନ୍ତି । ଇଂଲିଶ ଫୁଟବଲ କ୍ଲବ ଡନକାଷ୍ଟର ରୋଭର୍ସ ଓ ପିଟରବର୍ଗ ୟୁନାଇଟେଡ୍ ପକ୍ଷରୁ ଖେଳି ସାରିଛନ୍ତି ମାସୋନ । ୨୦୧୧ରୁ ସେ କତାର ନାଗରିକତ୍ୱ ହାସଲ କରିସାରିଛନ୍ତି ।

ଫ୍ରେଞ୍ଚ୍ ଓପନ୍ : ମହିଳା ଫାଇନାଲରେ ଆନ୍ଦ୍ରିଭା-ବ୍ୟାଲିନ୍‌ସ୍କା

ପ୍ୟାରିସ୍

ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍‌ର ମହିଳା ସିଙ୍ଗଲ୍‌ସ ଫାଇନାଲରେ ଶନିବାର ୮ମ ସିଡ୍ ମିରା ଆନ୍ଦ୍ରିଭା ଓ ଅଣସିଡେଡ୍ ମାୟା ବ୍ୟାଲିନ୍‌ସ୍କାଙ୍କ ମଧ୍ୟରେ ମୁକାବିଲା ହେବ । ପୋଲାଣ୍ଡର ମାୟା ବ୍ୟାଲିନ୍‌ସ୍କା ଫ୍ରେଞ୍ଚ୍ ଓପନ୍ ଇତିହାସରେ ପ୍ରଥମ ଯୋଗ୍ୟତା ହାସଲକାରୀ ଖେଳାଳି ଭାବେ ଫାଇନାଲରେ ପ୍ରବେଶ କରିଛନ୍ତି । ବିଶ୍ୱର ୧୧୪ନଂ ସ୍ଥାନରେ ଥିବା ବ୍ୟାଲିନ୍‌ସ୍କା ଗୁରୁବାର ସେମିଫାଇନାଲରେ ୨୫ନଂ ସିଡ୍ ରୁଷିଆର ଡାଏନା ସ୍ନାଇଡରଙ୍କୁ ୭-୬, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି । ଫଳରେ ୨୪ ବର୍ଷ ବୟସ୍କା ବ୍ୟାଲିନ୍‌ସ୍କା ୩ୟ ଖେଳାଳି ଭାବେ ପଦାର୍ପଣରେ ଫ୍ରେଞ୍ଚ୍ ଓପନ୍ ଫାଇନାଲ ଖେଳିବାକୁ ଯାଉଛନ୍ତି । ଫାଇନାଲରେ ବ୍ୟାଲିନ୍‌ସ୍କାଙ୍କ ମୁକାବିଲା କରିବେ ରୁଷିଆର ମିରା ଆନ୍ଦ୍ରିଭା । ସେମିଫାଇନାଲରେ ୮ମ ସିଡ୍ ଆନ୍ଦ୍ରିଭା ସହଜରେ ୬-୧, ୬-୩ ସେଟ୍‌ରେ ୧୫ନଂ ସିଡ୍ ୟୁକ୍ରେନ୍‌ର ମାର୍ତା କୋଷ୍ଟ୍ୟୁକ୍‌ଙ୍କୁ ପରାସ୍ତ କରିଛନ୍ତି । ୧୯ ବର୍ଷ ବୟସ୍କା ଆନ୍ଦ୍ରିଭା ୨୦୨୪ରେ ଏଠାରେ ସେମିଫାଇନାଲ ଖେଳିଥିଲେ । ମିରା ଆନ୍ଦ୍ରିଭା ପ୍ରଥମଥର ଥର ଫ୍ରେଞ୍ଚ୍ ଓପନ୍‌ର ଫାଇନାଲ ଖେଳିବେ । ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଚାଲିଥିବାରୁ ମ୍ୟାଚ୍ ପରେ କୋଷ୍ଟ୍ୟୁକ୍ ଓ ଆନ୍ଦ୍ରିଭା ହାତ ମିଳାଇ ନଥିଲେ ।

ଯଦି ବାବର ଆଇପିଏଲରେ ଖେଳୁଥାଆନ୍ତେ, ତେବେ ସେ ବିରାଟଙ୍କୁ ପଛରେ ପକାଇଥାଆନ୍ତେ : ତନବୀର ଅହମ୍ମଦ

ଇସଲାମାବାଦ

ପାକିସ୍ତାନ ପ୍ରାୟତଃ ବାବର ଆଜମଙ୍କୁ ବିରାଟ କୋହଲିଙ୍କ ସହ ତୁଳନା କରେ, କିନ୍ତୁ ସାରା ବିଶ୍ୱରେ କିମ୍ବଦନ୍ତୀ କ୍ରିକେଟରମାନେ ବିରାଟଙ୍କୁ ବହୁତ ଶ୍ରେଷ୍ଠ ବୋଲି ଦର୍ଶାଇ ଏହି ତୁଳନାକୁ ଖାରଜ କରନ୍ତି । ବାସ୍ତବତା ଏହି ମତକୁ ସମର୍ଥନ କରେ; ରେକର୍ଡ ଉପରେ ନଜର ପକାଇଲେ ଜଣାପଡ଼େ ଯେ କୋହଲି ବହୁତ ଆଗରେ ଅଛନ୍ତି । ଭାରତର ଷ୍ଟାର ଖେଳାଳି କୋହଲିଙ୍କୁ 'ଚେଜ ମାଷ୍ଟର' ଭାବରେ ଜଣାଶୁଣା, ଯିଏ କଷ୍ଟକର ପରିସ୍ଥିତିରେ ଇନିଂସକୁ ସ୍ଥିର ରଖିବା ଏବଂ ଦଳକୁ ବିଜୟ ଆଡକୁ ନେଇଯିବାରେ ସକ୍ଷମ । ବିପରୀତରେ, ବାବର କିଛି ଛୋଟ ଦଳ ବିପକ୍ଷରେ ଭଲ ପ୍ରଦର୍ଶନ କରନ୍ତି, କିନ୍ତୁ ସେ ପ୍ରାୟତଃ ପ୍ରମୁଖ ଟୁର୍ଣ୍ଣାମେଣ୍ଟରେ କିମ୍ବା ଶୀର୍ଷ ସ୍ତରୀୟ ପ୍ରତିପକ୍ଷଙ୍କ ବିପକ୍ଷରେ ପଡ଼ି ଯାଆନ୍ତି । ଏହା ମଧ୍ୟରେ, ପୂର୍ବତନ ପାକିସ୍ତାନୀ କ୍ରିକେଟର ତନବୀର ଅହମ୍ମଦ ଦୁଇଟି ବିଷୟରେ ଏକ ଅବାନ୍ତର ବୟାନ ଦେଇଛନ୍ତି ।

ପାକିସ୍ତାନୀ ଖେଳାଳିମାନଙ୍କୁ ବର୍ତ୍ତମାନ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଅଂଶଗ୍ରହଣ କରିବାରୁ ନିଷେଧ କରାଯାଇଛି । ତଥାପି, ତନବୀର ଅହମ୍ମଦ ବିଶ୍ୱାସ କରନ୍ତି ଯେ ଯଦି ବାବର ଆଜମ ଆଇପିଏଲରେ ଖେଳୁଥାଆନ୍ତେ, ତେବେ ସେ ମୋଟ ରନ ହିସାବରେ ବିରାଟ କୋହଲିଙ୍କୁ ପଛରେ ପକାଇଥାଆନ୍ତେ । ଏକ ଟିଭି ଶୋ'ରେ ଭାଷଣ ଦେଇ ସେ କହିଥିଲେ, 'ଲୋକମାନେ ସହମତ ନ ହୋଇପାରନ୍ତି ଏବଂ ସେମାନଙ୍କୁ କରିବାକୁ ପଡ଼ିବ ନାହିଁ କିନ୍ତୁ ଯଦି ଆପଣ ବାବରଙ୍କୁ ଆଇପିଏଲରେ ଖେଳିବାକୁ ଦିଅନ୍ତି, ତେବେ ସେ ବିରାଟଙ୍କ ଠାରୁ ଅଧିକ ରନ କରିବେ ।'

ନୀରଜଙ୍କୁ ଅତିକ୍ରମ କରି ସୁପର ଷ୍ଟାର ହେଲେ ଶ୍ରୀଲଙ୍କାର ରୁମେଶ ଥରାଙ୍ଗା

ରୋମ୍

ଶ୍ରୀଲଙ୍କାର ରୁମେଶ ଥରାଙ୍ଗା ପାଥିରେଜ ଏସିଆର ପରବର୍ତ୍ତୀ ଜାଭେଲିନ ସୁପର ଷ୍ଟାର ଭାବେ ଉଭା ହୋଇଛନ୍ତି । ଏଥିପାଇଁ ନୀରଜ ଚୋପ୍ରା ଓ ଅର୍ଶାଦ ନଦିମଙ୍କୁ ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସ ବେଳେ ଏହି ଜାଭେଲିନ ଥ୍ରୋୟରଙ୍କ ଉପରେ ନଜର ରଖିବାକୁ ହେବ ।

ପାଥିରେଜ ମର୍ଯ୍ୟାଦାପୂର୍ଣ୍ଣ ରୋମ୍ ଡାଇମଣ୍ଡ ଲିଗ୍‌ରେ ୯୨.୬୨ ମିଟର ଥ୍ରୋ ସହ ଟାଇଟଲ ଜିତି ବିଶ୍ୱ ଆଥଲେଟିକ୍ସକୁ ଚମକାଇ ଦେଇଛନ୍ତି । ଜଣେ ଏସୀୟ ଆଥଲେଟ ହିସାବରେ ସେ ଦ୍ୱିତୀୟ ସର୍ବାଧିକ ଦୂର ଭାଭେଲିନ ଫିଙ୍ଗିବାର ଗୌରବ ଅର୍ଜ୍ଜନ କରିଛନ୍ତି । ଏହାଦ୍ୱାରା ସେ ଭାରତୀୟ ଷ୍ଟାର ନୀରଜ ଚୋପ୍ରାଙ୍କୁ ଅତିକ୍ରମ କରିଯାଇଛନ୍ତି । ୨୩ ବର୍ଷୀୟ ପାଥିରେଜଙ୍କୁ ୧୦ଜଣଙ୍କ ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବାକୁ ପଡ଼ିଥିଲା । ସେମାନଙ୍କ ମଧ୍ୟରେ ଦୁଇଥର ବିଶ୍ୱ ଚାମ୍ପିଅନ ଗ୍ରେନେଡ଼ାର ଆଣ୍ଡରସନ ପିଟର୍ସ ଅନ୍ୟତମ । ସେ ସେ ୮୩,୯୧ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ । ତ୍ରିନିଦାଦ ଟୋବାଗୋର ୨୦୨୫ ଟୋକିଓ ବିଶ୍ୱ ଚାମ୍ପିୟନସିପ୍ ସ୍ୱର୍ଣ୍ଣ ବିଜେତା କେଶୋରନ ୱାଲକଟ୍ ୮୩.୪୫ ମିଟର ଥ୍ରୋ କରିଥିଲେ ।

ଯୁକ୍ତରାଷ୍ଟ୍ର ଆମେରିକାର କର୍ଟିସ ଥମ୍ପସନ (୮୩.୮୯ ମିଟର) ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ଲାଭ କରି ଥିଲେ । ୱାଲକଟ ୪ର୍ଥ ହୋଇଥିଲେ । ଭାରତର ୨୬ ବର୍ଷୀୟ ସଚିନ ଯାଦବ ଗୁରୁବାର ଡାଇମଣ୍ଡ ଲିଗ୍‌ରେ ତାଙ୍କ ପ୍ରଥମ ପଦାର୍ପଣ କରିଥିଲେ । ପ୍ରତିଯୋଗିତାରେ ତାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା । ସେ ୭୯.୧୮ ମିଟର ଥ୍ରୋ କରି ୮ମ ସ୍ଥାନରେ ରହିଥିଲେ । ପାଥିରେଜ

ସମ୍ମାନଜନକ ୯୦ମିଟର ଅଙ୍କ ଅତିକ୍ରମ କରିବା ଲାଗି ଚତୁର୍ଥ ଏସୀୟ ଏବଂ ଓଭରଅଲ୍ ୨୮ତମ ଜାଭେଲିନ ଥ୍ରୋୟର ବିବେଚିତ ହୋଇଛନ୍ତି । ତାଙ୍କର ଏହି ପ୍ରଦର୍ଶନ ପାକିସ୍ତାନୀ ଅର୍ଶଦ ନଦୀମଙ୍କ ପ୍ୟାରିସ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟ ଥ୍ରୋ ୯୨.୯୭ ମିଟରଠାରୁ ସେ ଅଳ୍ପକେ ପଛରେ ପଡ଼ିଯାଇଥିଲେ । ସେ କିନ୍ତୁ ଚାଇନିଜ ତାଇପେର ଚାଓ ତିସୁନ ଚେଙ୍ଗ୍ (୯୧.୩୬ ମିଟର) ଓ ନୀରଜ ଚୋପ୍ରା (୯୦.୨୩ ମିଟର)ଙ୍କୁ ଅତିକ୍ରମ କରିଯାଇଛନ୍ତି । ତାଙ୍କର ଏହିସ ଥ୍ରୋ ଦ୍ୱାରା ସେ ସର୍ବକାଳୀ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜାଭେଲନି ଥ୍ରୋୟରଙ୍କ ମଧ୍ୟରେ ଅଷ୍ଟମ ସ୍ଥାନରେ ଅଛନ୍ତି ।

ପିଆଇବି ଭୁବନେଶ୍ୱର ପକ୍ଷରୁ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତା'

ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନରେ ଯୋଗାଯୋଗ ବ୍ୟବଧାନକୁ ଦୂର କରିବା ଜରୁରୀ : ଅଖିଳ କୁମାର ମିଶ୍ର

ଭୁବନେଶ୍ୱର, ପିଆଇବି

ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରଠାରେ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ଉପରେ ଏକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତା' ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ଏବଂ ବିଶେଷଜ୍ଞମାନେ ଯୋଗଦେଇ ପ୍ରଭାବଶାଳୀ ଗଣ ଯୋଗାଯୋଗ ଏବଂ ବିକାଶମୂଳକ ପ୍ରଚାରପ୍ରସାର ଉପରେ ବିଚାରବିମର୍ଶ କରିଥିଲେ ।

ଏହି ବାର୍ତ୍ତା କାର୍ଯ୍ୟକ୍ରମରେ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ (ଓଡ଼ିଶା ଏବଂ ଝାଡ଼ଖଣ୍ଡ କ୍ଷେତ୍ର) ଅଖିଳ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ । ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡକ୍ଟର ମୃଣାଳିନୀ ଦର୍ଘଓ୍ୱାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ବୈଷୟିକ ଅଧିବେଶନରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ଦାସ, ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ବିକାଶ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉତ୍କଳ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରାଧ୍ୟାପିକା ଡକ୍ଟର ମିତାଲି ଚିନାରା, ବରିଷ୍ଠ ସାମ୍ବାଦିକ ରାକେଶ ମହାନ୍ତ

32 YEARS
ଯାଜ୍ଞସେନୀ
ଭୁବନେଶ୍ୱର,୦୬ ଜୁନ ୨୦୨୬ ଶନିବାର

ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ଗୋଷ୍ଠୀ-ଚାଳିତ ସ୍ଥାୟୀ ବିକାଶ କାର୍ଯ୍ୟକ୍ରମ

କଳିଙ୍ଗନଗର/ଯାଜପୁର, ନ୍ୟୁଜ୍‌ବ୍ୟୁରୋ

ବିଶ୍ୱ ପରିବେଶ ଦିବସ ଅବସରରେ ଯାଜପୁରରେ ପରିବେଶ ପରିଚାଳନା ଏବଂ ଗୋଷ୍ଠୀ-ଆଧାରିତ ସ୍ଥାୟୀ ବିକାଶ (ସଷ୍ଟେନେବିଲିଟି) ପ୍ରତି ନିଜର ପ୍ରତିବଦ୍ଧତାକୁ ନିରନ୍ତର ଦୃଢ଼ କରିଆସୁଥିବା, ଭାରତର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା, ଜିନ୍ଦଲ ଷ୍ଟେନଲେସ୍, ପକ୍ଷରୁ ଓଡ଼ିଶାର ଯାଜପୁରର କଳିଙ୍ଗନଗରଠାରେ ବିଶ୍ୱ ପରିବେଶ ଦିବସ ୨୦୨୬ ଉପଲକ୍ଷେ ଅନେକ ସଚେତନତା ଓ ସହଭାଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚଳିତ ବର୍ଷର ବିଶ୍ୱସ୍ତରୀୟ ବିଷୟବସ୍ତୁ (ଥିମ୍) 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଆମ ଭବିଷ୍ୟତ ପାଇଁ।' ସହ ସାମଞ୍ଜସ୍ୟ ରଖି ଏବଂ ଏହି ଆହ୍ୱାନର ସକ୍ରିୟ ପ୍ରତିକ୍ରିୟାରେ, ସପ୍ତାହବ୍ୟାପୀ ପାଳିତ ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଓ କର୍ମଚାରୀମାନଙ୍କ ଅଂଶଗ୍ରହଣ ଦ୍ୱାରା ଦାୟିତ୍ୱବାନ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପରିବେଶ ସଚେତନତାକୁ ସୁଦୃଢ଼ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ କର୍ମଚାରୀ, ଚୁକ୍ତିଭିତ୍ତିକ ଶ୍ରମିକ, ଆଖପାଖର ଗୋଷ୍ଠୀ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକାଧିକ ସଚେତନତା ଏବଂ କାର୍ଯ୍ୟକଳାପ ଭିତ୍ତିକ ଅଧିବେଶନ ଆୟୋଜନ କରାଯାଇଥିଲା। ଏଥିରେ ସବୁଜ ବଳୟ ବୃଦ୍ଧି, ସ୍ଥାୟୀ ଜୀବନଶୈଳୀ ଅଭ୍ୟାସ, ବର୍ଜ୍ୟବସ୍ତୁ ପୃଥକୀକରଣ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଭଳି ବିଷୟଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହା ସହିତ ଦାନଗଦାସ୍ଥିତ 'ଜିନ୍ଦଲ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟ୍ରେନିଂ'ଠାରେ ଆଖପାଖ ଅଞ୍ଚଳର ମହିଳା ନେତ୍ରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ଘରୋଇ ଏବଂ ସାମାଜିକ ସ୍ତରରେ ପରିବେଶ ପ୍ରତି ଦାୟିତ୍ୱବୋଧକୁ ପ୍ରୋତ୍ସାହିତ କରିବା। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍, ଯାଜପୁରର ୟୁନିଟ୍ ହେଡ ଦୀପକ ଅଗ୍ରୱାଲ କହିଛନ୍ତି, 'ସ୍ଥାୟୀ ବିକାଶ ବା ସଷ୍ଟେନେବିଲିଟି ସେତେବେଳେ ଅଧିକ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ଏହା ସାମୂହିକ ହୋଇଥାଏ। ଆମେ ଆମର କର୍ମଚାରୀ ଏବଂ ଗୋଷ୍ଠୀକୁ ଏଥିରେ ସାମିଲ କରି ପରିବେଶ ପ୍ରତି ଥିବା ଦାୟିତ୍ୱକୁ ଏକ ସାଧାରଣ, ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଏହି ପରିବର୍ତ୍ତନର ସୂତ୍ରପାତ କରୁଛୁ।'

ସହରରେ ସବୁଜ ବଳୟକୁ ସୁଦୃଢ଼ କରିବା ଏବଂ ପରିସ୍ଥିତିକ ସନ୍ତୁଳନ (ଇକୋଲୋଜିକାଲ୍ ବାଲାନ୍ସ) ବଜାୟ ରଖିବା ପାଇଁ କମ୍ପାନୀ ପକ୍ଷରୁ କାରଖାନା ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ପିଲାମାନଙ୍କ ମଧ୍ୟରେ ପିଲାଦିନରୁ ପରିବେଶ ସଚେତନତା ଜାଗ୍ରତ କରିବା ଏବଂ ଭବିଷ୍ୟତ ପିଢ଼ିକୁ ପରିବେଶ ପ୍ରତି ସଚେତନ ନାଗରିକ ଭାବରେ ଗଢ଼ିତୋଳିବା ପାଇଁ ପରିବେଶ ସମ୍ବନ୍ଧୀୟ ବିଷୟବସ୍ତୁକୁ ନେଇ ପାରସ୍ପରିକ କଥୋପକଥନ ଓ ସୃଜନଶୀଳ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା।

ଜିନ୍ଦଲ ଷ୍ଟେନଲେସର ଏହି ସହଭାଗୀ ଦାୟିତ୍ୱବୋଧର ପ୍ରତିବଦ୍ଧତା ବିଷୟରେ ଅଧିକ ସୂଚନା ଦେଇ ଜିନ୍ଦଲ ଷ୍ଟେନଲେସ ପରିବେଶ ବିଭାଗର ଉପ-ମହାପ୍ରବନ୍ଧକ ଶ୍ରୀମତୀ ମୈତ୍ରେୟୀ ଦେବ କହିଛନ୍ତି, ଜିନ୍ଦଲ ଷ୍ଟେନଲେସରେ ଜିନ୍ଦଲ ଷ୍ଟେନଲେସ୍ ଏହାର ବୃହତ ସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରତି ପ୍ରତିବଦ୍ଧ ରହିଛି, ଯାହା ବିଶ୍ୱସ୍ତରୀୟ 'ନେଟ୍ ଜିରୋ ୨୦୫୦' ସହ ସାମଞ୍ଜସ୍ୟ ରକ୍ଷା କରେ। ଏହି ଗୋଷ୍ଠୀ ସହଭାଗିତା ଦାୟିତ୍ୱବାନ ଉତ୍ପାଦନ, ପରିବେଶ ମାଲିକାନା ଏବଂ ଦୀର୍ଘକାଳୀନ ପରିସ୍ଥିତିକ ପ୍ରଭାବ ଉପରେ କେନ୍ଦ୍ରୀଭୂତ।

ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଶ୍ୱ ପରିବେଶ ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା। ପରିବେଶ ସୁରକ୍ଷା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଏବଂ ସ୍ଥାୟୀ ବିକାଶମୂଳକ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେବା ଦିଗରେ ମଣ୍ଡଳର ଦୃଢ଼ ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରିବା ସହ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସବୁଜ ଓ ସୁସ୍ଥ ପରିବେଶ ଗଠନ ପାଇଁ ଜନସାଧାରଣଙ୍କୁ ସକାରାତ୍ମକ ପରିବେଶମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରେରିତ କରାଯାଇଥିଲା।

ଏହି ଅବସରରେ କଲ୍ୟାଣୀ ମଣ୍ଡପ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନିଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବଙ୍କ ସମେତ ବିଭିନ୍ନ ଶାଖା ଅଧିକାରୀ ଓ କର୍ମଚାରୀମାନେ ଚାରାରୋପଣ କରିଥିଲେ।

ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନରେ ସ୍କାଉଟ୍ ଓ ଗାଇଡ୍‌ର ଶିଶୁମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ଯାତ୍ରୀମାନଙ୍କୁ ପ୍ଲାଷ୍ଟିକ ଦୂଷଣ ରୋକିବା ଏବଂ ପରିବେଶ ଅନୁକୂଳ ଅଭ୍ୟାସ ଆପଣେଇବା ପାଇଁ ପ୍ରେରିତ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ ଡି. ସୁନିଲ ଏବଂ ଅନ୍ୟାନ୍ୟ ଅଧିକାରୀମାନଙ୍କ ଦ୍ୱାରା ଯାତ୍ରୀ ଓ ବ୍ୟବସାୟୀମାନଙ୍କୁ ଝୋଟ ବ୍ୟାଗ୍ ବଣ୍ଟନ କରାଯାଇଥିଲା ପ୍ଲାଷ୍ଟିକର ସ୍ଥାନରେ ପରିବେଶ ସୁରକ୍ଷାମୂଳକ ବିକଳ୍ପ ବ୍ୟବହାର ପାଇଁ ଉତ୍ସାହିତ କରିଥିଲେ। ବିଶ୍ୱ ପରିବେଶ ଦିବସ ଅବସରରେ ରେଳ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଚଳିତ ବର୍ଷର ବିଶ୍ୱ ପରିବେଶ ଦିବସର ବିଷୟବସ୍ତୁକୁ ଆଧାର କରି ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଡି. ସୁନିଲ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

ଏହାସହ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ସମସ୍ତ ପ୍ରମୁଖ ରେଳ ଷ୍ଟେସନରେ ସଚେତନତା ବ୍ୟାନର ପ୍ରଦର୍ଶନ ଏବଂ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମାଧ୍ୟମରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା।

ଏହା ପୂର୍ବରୁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ୧୫.୦୫.୨୦୨୬ ତାରିଖରୁ "ବିଶ୍ୱ ପରିବେଶ ଦିବସ ଅଭିଯାନ" ଆରମ୍ଭ କରିଥିଲା। ଏହି ଅଭିଯାନ ଅବଧିରେ ପରିବେଶ ସଂରକ୍ଷଣ ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣ ହ୍ରାସ ସମ୍ବନ୍ଧୀୟ ବିଭିନ୍ନ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ବିଶ୍ୱ ପରିବେଶ ଦିବସ ଓ ସମ୍ପୃକ୍ତ ସଚେତନତା ଅଭିଯାନର ସମସ୍ତ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ପ୍ରବନ୍ଧକ ସମ୍ବିତ ମହାପାତ୍ରଙ୍କ ମାର୍ଗଦର୍ଶନରେ ଯାନ୍ତ୍ରିକ ବିଭାଗର ପରିବେଶ ଏବଂ ସ୍ୱଚ୍ଛତା ପରିଚାଳନା ଶାଖା ଦ୍ୱାରା ସଫଳତାର ସହ ସମନ୍ୱୟ ରକ୍ଷା କରାଯାଇ ସମ୍ପାଦନ କରାଯାଇଥିଲା।

ଦୁଷ୍କର୍ମ ଓ ହତ୍ୟା ଧମକ ଘଟଣା : ଫେରାର ଅଭିଯୁକ୍ତ ମୌଲାନା ୮ ବର୍ଷ ପରେ ଗିରଫ

କଟକ,ନ୍ୟୁଜ୍‌ବ୍ୟୁରୋ

ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ସହ ହତ୍ୟା ଧମକ ଦେବା ଘଟଣାରେ ଦୀର୍ଘ ୮ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତକୁ ଜଗତପୁର ଥାନା ପୁଲିସ ଝାଡ଼ଖଣ୍ଡରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା ଜଗତପୁର ଥାନା ପଦ୍ମପୁର ମୁତାରିଫା ଗ୍ରାମର ସେକ୍ ନଜିମୁଲ ଅରଫିନ୍ ଓରଫ ମୁନା ଓରଫ ହାପିଜ୍ (୪୫)। ପୁଲିସ ସୂଚନା ମତାବକ, ମୁତାରିଫା ଗ୍ରାମର ସଂପୃକ୍ତ ପୀଡ଼ିତାଙ୍କ ସ୍ୱାମୀ ସବୁବେଳେ ମଦ ପିଇ ନିଶାସକ୍ତ ଅବସ୍ଥାରେ ରହିନ୍ତି। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ସବୁବେଳେ କଳିତକରାଳ ହୁଏ। ହାପିଜ୍ ମଦ ଛାଡ଼ିବା ଔଷଧ ଦେଉଥିବାରୁ ପୀଡ଼ିତା ତାଙ୍କୁ ସ୍ୱାମୀଙ୍କ ମଦ୍ୟପାନ ଅଭ୍ୟାସ ଛଡ଼ାଇବା ପାଇଁ ଭେଟିଥିଲେ। ୯ ମାସ ଔଷଧ ଖାଇଲେ ସ୍ୱାମୀ ମଦ ଛାଡ଼ିଦେବେ ବୋଲି ହାପିଜ ପ୍ରତିଶ୍ରୁତି ଦେଇଥିଲା। ତେଣୁ ପୀଡ଼ିତା ୨୦୧୮ ମସିହା ଜୁଲାଇ ୨୭ ତାରିଖରେ ଔଷଧ ପାଇଁ ତା' ଘରକୁ ଯାଇଥିଲେ। ସେଠାରେ ଏକୁଟିଆ ପାଇ ହାପିଜ୍ ତାଙ୍କୁ ଦୁଷ୍କର୍ମ କରିଥିଲା। ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ୍ ଦେଇଥିଲା। ମାତ୍ର ପୀଡ଼ିତା ଧମକକୁ ନ ଡରି ଜଗତପୁର ଥାନାରେ ଅଭିଯୋଗ କରିଥିଲେ। ଫଳରେ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ଦୀର୍ଘ ୮ବର୍ଷ ପରେ ହାପିଜ୍ ଝାଡ଼ଖଣ୍ଡରେ ରହୁଥିବା ସମ୍ପର୍କରେ ଖବର ପାଇ ପୁଲିସ ସେଠାକୁ ଯାଇ ତାକୁ ଗିରଫ କରିଛି। ଶୁକ୍ରବାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ଆଇଆଇସି ପ୍ରଶାନ୍ତ କୁମାର ସାସମଲ ସୂଚନା ଦେଇଛନ୍ତି।

ଅନୁଗୁଳର ନରହନ୍ତା ହାତୀର ହେବ ମନସ୍ତାତ୍ତ୍ୱିକ ଚିକିତ୍ସା

ବାରିପଦା, ନ୍ୟୁଜ୍‌ବ୍ୟୁରୋ

ଅନୁଗୁଳରୁ ଧରାହୋଇ ଆସିଥିବା ନରହନ୍ତା ହାତୀ ବର୍ତ୍ତମାନ ବାଙ୍ଗିରିପୋଷି ରେଞ୍ଜର ତାଳବନ୍ଧ ଠାରେ ରହିଛି। ଗୁରୁବାର କରଞ୍ଜି ଆର ସାତକୋଶିଆ ଠାରେ ଲୋକେ ଏହି ହାତୀକୁ ଜଙ୍ଗଲରେ ଛାଡ଼ିବାକୁ ନେଇ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ସେଠାରୁ ହାତୀଟିକୁ ତାଳବନ୍ଧର କାନଛିଣ୍ଡା ଠାରେ ଥିବା ହାତୀ ଚିକିତ୍ସା କେନ୍ଦ୍ରକୁ ଅଣାଯାଇଛି। ଗତ କିଛିଦିନର ଅଶାନ୍ତ ବାତାବରଣ ସହିତ ଗତ ୩୬ ଘଣ୍ଟା ଧରି ଟ୍ରକ୍‌ରେ ବନ୍ଦୀ ଅବସ୍ଥାରେ ରହିଥିଲା ଉନ୍ମତ୍ତ ହାତୀଟି। ବର୍ତ୍ତମାନ ହାତୀଟିକୁ ଏକ ଶାନ୍ତ ପରିବେଶରେ ରଖି ତା'ର ମନସ୍ତାତ୍ତ୍ୱିକ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି। ଏସଟିଆରର ମୁଖ୍ୟ ନିର୍ଦ୍ଦେଶକ ହାତୀର ଦାୟିତ୍ୱ ନେଇଛନ୍ତି। ତେବେ ମଣିଷ ଜୀବନ ନେବାପରେ ହାତୀଟିକୁ ଲୋକେ ବିଭିନ୍ନ ସ୍ଥାନରୁ ଘଉଡ଼ାଇବା ସହିତ ବନ ବିଭାଗ ଟ୍ରାଙ୍କୁଲାଇଜ କରି ହାତୀଟିକୁ ଅଚେତ କରିଛି। ବର୍ତ୍ତମାନ ହାତୀଟି ମାନସିକ ସ୍ତରରେ ନିହାତି ଭାବରେ ସନ୍ତୁଳିତ ନଥିବ। ତେଣୁ ରାଜ୍ୟ ମୁଖ୍ୟ ବନ ସଂରକ୍ଷକଙ୍କ ନିର୍ଦ୍ଦେଶରେ ବର୍ତ୍ତମାନ ହାତୀଟି ତାଳବନ୍ଧର କାନଛିଣ୍ଡା ହାତୀ ଚିକିତ୍ସା କେନ୍ଦ୍ରରେ ନିର୍ଜନ ଓ ଶାନ୍ତ ପରିବେଶରେ ମନସ୍ତାତ୍ତ୍ୱିକ ଚିକିତ୍ସାରେ ରହିବ ବୋଲି ସୂଚନା ଦେଇଛନ୍ତି ବାରିପଦା ଡିଏଫଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ।

ରାୟ ବାହାଦୁର ନନ୍ଦ କିଶୋର ଦାସଙ୍କ ୧୮୨ତମ ଜୟନ୍ତୀ ପାଳିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ମାହାଙ୍ଗା ମାଟିର ଅନ୍ୟତମ ବରପୁତ୍ର ତଥା ଓଡ଼ିଆ ଅସ୍ମିତାର ଆଦ୍ୟ ଉଦ୍‌ଗାତା ରାୟବାହାଦୁର ନନ୍ଦ କିଶୋର ଦାସଙ୍କ ୧୮୨ତମ ଜନ୍ମ ତିଥି ଗୁଣୁପୁର (ମାହାଙ୍ଗା)ସ୍ଥିତ କୃଷକ ତାଲିମ୍ କେନ୍ଦ୍ର ଠାରେ ପାଳିତ ହୋଇଯାଇଛି। ଶରତ କର ଓ ଅନିମା କର ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ ସ୍ଥାନୀୟ ବୁଦ୍ଧିଜୀବୀ, ମୂରବୀ, ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଜ୍ଞଙ୍କ ସମେତ ଜନ ସାଧାରଣ ଯୋଗଦେଇ ସ୍ୱର୍ଗତ ନନ୍ଦ କିଶୋର ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କର ଉତ୍ସର୍ଗୀକୃତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଯେଉଁ ମହାନ୍ ବ୍ୟକ୍ତିତ୍ୱ ମାନେ ସ୍ମରଣୀୟ ହୋଇ ଛନ୍ତି, ସେମାନଙ୍କ ପ୍ରଚ୍ଛନ୍ନ ପ୍ରେରଣାଦାତା ଭାବେ ରାୟବାହାଦୁର ନନ୍ଦକିଶୋର ଦାସଙ୍କ ଅବଦାନ ସର୍ବାଗ୍ରେ ରହିଥିବା ମତ ପ୍ରକାଶ ପାଇଥିଲା। ଶୁଭେନ୍ଦୁ କୁମାର ସାମଲଙ୍କ ସଂଯୋଜନାରେ ଉକ୍ତ ଜୟନ୍ତୀ ସଭାରେ ସର୍ବଶ୍ରୀ ରାମ ଚନ୍ଦ୍ର ମହାପାତ୍ର, ରୁଦ୍ର ନାରାୟଣ ସିଂହ, ରାମ ଚନ୍ଦ୍ର ବେହେରା, କାର୍ତ୍ତିକ ଚନ୍ଦ୍ର ବିହାରୀ, ସମ୍ ଶେର ଅଲ୍ଲୀ, ଡମ୍ବରୁଧର ପରିଡ଼ା, ମୁନା ମହାନ୍ତି, ଶରତ ପ୍ରେମୀ ପରିବାରର ଅନ୍ୟ ସଦସ୍ୟ ବୃନ୍ଦ ତଥା ସ୍ଥାନୀୟ ଗ୍ରାମବାସୀ ଯୋଗ ଦେଇଥିଲେ।

ସେହିପରି ମାହାଙ୍ଗା ମୈତ୍ରୀ ମଞ୍ଚ ଆନୁକୂଲ୍ୟରେ ସମ୍ପାଦକ ଅବନୀ ଚନ୍ଦ୍ର ଦାସ, ଅଧ୍ୟାପକ ଲିଙ୍ଗରାଜ ଶତପଥୀ, ସମାଜ ସେବୀ ଅଜିତ୍ କୁମାର ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଗୁଳ ପୁରୁଣା ଗଡ଼ ସ୍ଥିତ ରାୟବାହାଦୁର ନନ୍ଦ କିଶୋର ଦାସଙ୍କ ସମାଧି ପୀଠରେ ମଧ୍ୟ ସେଠାକାର ସ୍ଥାନୀୟ ଅଧିବାସୀ ଯୁବ ସଂଗଠକ ଜ୍ୟୋତି ପ୍ରକାଶ ପଟ୍ଟନାୟକଙ୍କ ସହଯୋଗ କ୍ରମେ ଶ୍ରଦ୍ଧାର୍ଘ୍ୟ ଅର୍ପଣ କରାଯାଇଥିଲା।

ଏସଆଇଆର ଅଭିଯାନ : ରାଜ୍ୟରେ ୪୩.୪୭% ପରିଗଣନା ଫର୍ମ ବଣ୍ଟନ ଶେଷ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ରାଜ୍ୟର ସମୁଦାୟ ୧କୋଟି ୪୫ଲକ୍ଷ ୧୫ହଜାର ୨୧୨ଜଣ ଅର୍ଥାତ ମୋଟ ଭୋଟରର ୪୩.୪୭ ପ୍ରତିଶତ ଭୋଟରଙ୍କୁ ସଫଳତାର ସହ ପରିଗଣନା ଫର୍ମ ବଣ୍ଟନ କରାଯାଇ ସାରିଛି। ଆସନ୍ତା ୨୮ ଜୁନ ୨୦୨୬ର ସମୟସୀମା ପୂର୍ବରୁ ହିଁ ଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ ସଫଳତାର ସହ ଶେଷ ହେବାକୁ ଯାଉଛି। ଗତ ମେ' ୩୦ରେ ଏସଆଇଆର ନିର୍ଦ୍ଦେଶନାମା ଜାରି ହେବାର ପ୍ରଥମ ୦୭ ଦିନ ମଧ୍ୟରେ ରାଜ୍ୟରେ ସମୁଦାୟ ୩କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଜଣ ମତଦାତାଙ୍କ ମଧ୍ୟରୁ ୧ କୋଟି ୪୫ଲକ୍ଷ ୧୮ହଜାର ୨୧୨ଜଣଙ୍କର ଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ ହୋଇସାରିଛି, ଯାହାକି ମୋଟ ସଂଖ୍ୟାର ପ୍ରାୟ ୪୩.୪୭ ପ୍ରତିଶତ।

ଏହି ସ୍ୱତନ୍ତ୍ର ଅଭିଯାନକୁ ଶତପ୍ରତିଶତ ସଫଳ କରିବା ପାଇଁ ସାରା ରାଜ୍ୟରେ ୪୫,୨୫୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ନିୟୋଜିତ ହୋଇଛନ୍ତି। ଓଡ଼ିଶାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ଅଧିକ ସଫଳ ଏବଂ ସୁଦୂରପ୍ରସାରୀ କରିବା ପାଇଁ ରାଜ୍ୟର ସମସ୍ତ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସକ୍ରିୟ ହୋଇଉଠିଛି। ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ, ପ୍ରତ୍ୟେକ ନାଗରିକଙ୍କ ପାଖରେ ପହଞ୍ଚିବା ପାଇଁ ଏକ ବ୍ୟାପକ ଜନ-ସଚେତନତା ଅଭିଯାନ ଆରମ୍ଭ କରାଯାଉଛି। ନାଗରିକମାନଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ଜିଲ୍ଲାରେ ସଚେତନତା ରଥ ଗାଁକୁ ଗାଁ ବୁଲି ସଚେତନ କରିବା ସହିତ ସହର ଗୁଡ଼ିକରେ ମାଇକ୍ ପ୍ରଚାର, ହୋର୍ଡିଂ, ଏଲ୍.ଇ.ଡି ସ୍କ୍ରିନ୍ ଏବଂ ସୋସିଆଲ୍ ମିଡିଆ ମାଧ୍ୟମରେ ଯୁବପିଢ଼ିଙ୍କୁ ସାମିଲ କରାଯାଉଛି।

ଲକ୍ଷାଧିକ ଟଙ୍କାର କଫ ସିରପ ଜବତ : ୨ ଅଭିଯୁକ୍ତ ଗିରଫ

ବରଗଡ଼, ନ୍ୟୁଜ୍‌ବ୍ୟୁରୋ

ବରଗଡ଼ ଜିଲ୍ଲା ପଦ୍ମପୁର ପୋଲିସକୁ ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ନିଶା କାରବାର ବିରୋଧରେ ଏକ ବଡ଼ ସଫଳତା ମିଳିଛି। ପୋଲିସ ଗଡ଼ଭାଟି ଛକ ନିକଟରେ ଚଢ଼ଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ବେଆଇନ କଫ ସିରପ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଏହି ଚଢ଼ଉ ସମୟରେ ପଦ୍ମପୁର ତହସିଲଦାର ମାନସ ପଣ୍ଡା ଉପସ୍ଥିତ ଥିଲେ।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପଦ୍ମପୁର ପୋଲିସ ପକ୍ଷରୁ ଚାଲିଥିବା ଯାଞ୍ଚ ବେଳେ ଗଡ଼ଭାଟି ଛକଠାରେ ଏହି ବେଆଇନ କାରବାରର ପର୍ଦ୍ଦାଫାଶ ହୋଇଛି। ପୋଲିସ ସେମାନଙ୍କ ନିକଟରୁ ମୋଟ ୨୨ଟି ପ୍ଲାଷ୍ଟିକ୍ ବସ୍ତା ଜବତ କରିଛି। ପ୍ରତ୍ୟେକ ବସ୍ତାରେ ୩ଟି କାର୍ଟୁନ୍ ରହିଥିବା ବେଳେ ପ୍ରତି କାର୍ଟୁନରେ ୧୨୦ଟି 'ଡ୍ୱିନସରେକ୍ସ' କଫ ସିରପ ବୋତଲ ରହିଥିଲା। ଏହିପର ଭାବେ ମୋଟ ୭,୯୨୦ ବୋତଲ କଫ ସିରପ ଜବତ କରାଯାଇଛି, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ। ଏଥି ସହିତ ଅଭିଯୁକ୍ତମାନେ ବ୍ୟବହାର କରୁଥିବା ଏକ ଗାଡ଼ିକୁ ମ

ଉତ୍କଳ ଦୀପିକା

ଭୁବନେଶ୍ୱର, ୬ ଜୁନ୍, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଲୋକ ଭବନରେ ବିଶ୍ୱ ପରିବେଶ ଦିବସ ପାଳିତ

ବ୍ୟାପକ ବୃକ୍ଷରୋପଣ ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର,୫।୬
ନ୍ୟୁଜ୍‌ବ୍ୟୁରୋ

ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏବଂ ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ଶୁକ୍ରବାର ଲୋକ ଭବନ ପରିସରସ୍ଥ ଅଟଳ ବନରେ ଚାରା ରୋପଣ କରିଛନ୍ତି। ଏହି ଅବସରରେ ଲୋକ ଭବନର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛନ୍ତି।

ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ପରିବେଶ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ ଅଟେ। ପରିବେଶକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରି ନିଜର ଯୋଗଦାନ ରଖିବା ଉଚିତ। ଏକ ବାର୍ତ୍ତାରେ ରାଜ୍ୟପାଳ କହିଛନ୍ତି ଯେ ପରିବେଶ ଦିବସ ପୃଥିବୀ ଓ ପ୍ରକୃତି ସମ୍ପର୍କରେ ଚିନ୍ତା କରିବାର ଅବସର ଆଣେ ଓ ପରିବେଶକୁ ରକ୍ଷା କରିବା ସମସ୍ତଙ୍କର ଦାୟିତ୍ୱ। ଏହାର ସୁରକ୍ଷା ପାଇଁ ଚାରା ରୋପଣ ଦ୍ୱାରା ଆମେ ଏକ ଛୋଟ କିନ୍ତୁ ଅର୍ଥପୂର୍ଣ୍ଣ ପଦକ୍ଷେପ ନେଇପାରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ 'ଏକ ପେଡ୍ ମା କେ ନାମ' ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ପ୍ରତ୍ୟେକ ନାଗରିକ ଅତି କମ୍‌ରେ ଗୋଟିଏ ଲେଖାଏଁ ଚାରା ରୋପଣ କରିବାକୁ ରାଜ୍ୟପାଳ ନିବେଦନ କରିଛନ୍ତି।

ବୃକ୍ଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ବୃକ୍ଷ ବାୟୁକୁ ବିଶୁଦ୍ଧ କରେ, ଜୈବ ବିବିଧତା ସଂରକ୍ଷଣ କରେ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରତିକାର କରେ। ବ୍ୟକ୍ତି ଓ ସମାଜର ଛୋଟ ପ୍ରୟାସ ମଧ୍ୟ ପରିବେଶ ସଂରକ୍ଷଣରେ ବହୁତ ବଡ଼ ପ୍ରଭାବ ପକାଇପାରେ। ଯୁବପିଢ଼ିକୁ ପରିବେଶ ସଂରକ୍ଷଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇ ଏକ ସ୍ୱଚ୍ଛ, ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଢି ତୋଳିବାକୁ ଯୁବକ-ଯୁବତୀମାନେ ସକ୍ରିୟ ଭାବେ ଯୋଗଦାନ ଦେବାକୁ ରାଜ୍ୟପାଳ ନିବେଦନ କରିଛନ୍ତି।

ଲାଞ୍ଚ ମାମଲାରେ ରେଲୱେ ଇଞ୍ଜିନିୟରଙ୍କୁ ଗିରଫ କଲା ସିବିଆଇ

ଭୋପାଳ,୫।୬

ସେଣ୍ଟ୍ରାଲ୍ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍ (ସିବିଆଇ) ଶୁକ୍ରବାର ଦିନ ପଶ୍ଚିମ କେନ୍ଦ୍ରୀୟ ରେଳବାଇର ଡେପୁଟି ଚିଫ୍ ଇଞ୍ଜିନିୟର-୨ (ନିର୍ମାଣ)ଙ୍କୁ ୧ ଲକ୍ଷ ଟଙ୍କା ଲାଞ୍ଚ ମାମଲାରେ ଗିରଫ କରିଛି। ଅଭିଯୁକ୍ତ ଅଧିକାରୀମାନେ ବର୍ତ୍ତମାନ ମଧ୍ୟପ୍ରଦେଶର ସାଗରରେ ଅବସ୍ଥାପିତ ଅଛନ୍ତି। ସିବିଆଇ ଅନୁଯାୟୀ, ଗୁରୁବାର ଦିନ ଜଣେ ଅଭିଯୋଗକାରୀଙ୍କ ଅଭିଯୋଗ ଆଧାରରେ ଲାଞ୍ଚ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗରେ ଅଭିଯୋଗ କରାଯାଇଥିଲା ଯେ ଅଭିଯୁକ୍ତ ଡେପୁଟି ଚିଫ୍ ଇଞ୍ଜିନିୟର ରୁକ୍ତିନାମା କାର୍ଯ୍ୟ, ବକେୟା ବିଲ୍ ଏବଂ ପିଭିଜି ବକେୟା (ମୋଟ ପ୍ରାୟ ୧ କୋଟି ଟଙ୍କା) ସମ୍ବନ୍ଧୀୟ ସିକ୍ୟୁରିଟି ଡିପୋଜିଟ୍ ମୁକ୍ତ କରିବା ପାଇଁ ଅଭିଯୋଗକାରୀଙ୍କ ଠାରୁ ଏକ ଲକ୍ଷ ଟଙ୍କା ଅଯୌକ୍ତିକ ଦାବି କରିଥିଲେ। ସିବିଆଇ ଜାଲ ବିଛାଇଥିଲା ଏବଂ ଅଭିଯୋଗକାରୀଙ୍କ ଠାରୁ ଏକ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ବେଳେ ଅଭିଯୁକ୍ତ ଅଧିକାରୀଙ୍କୁ ରେଡ୍ ହ୍ୟାଣ୍ଡରେ ଧରିଥିଲା। ଅଭିଯୁକ୍ତଙ୍କ ଗେଷ୍ଟ ହାଉସର କୋଠରିରେ ସର୍ଚ୍ଚ କରିବା ସମୟରେ ୬୨ ହଜାର ଟଙ୍କା ନଗଦ ଏବଂ ରିଅଲ ଇଷ୍ଟେଟରେ ନିବେଶ ସମ୍ବନ୍ଧୀୟ ଅପରାଧିକ କାଗଜପତ୍ର ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ଅଭିଯୁକ୍ତକୁ ଗିରଫ କରାଯାଇଛି ଏବଂ ଶୁକ୍ରବାର ଜବଲପୁରର ସକ୍ଷମ ଅଦାଲତରେ ହାଜର କରାଯାଇଥିଲା।

ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'ର ସ୍ୱତନ୍ତ୍ର ସ୍କ୍ରିନିଂ ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୬
ନ୍ୟୁଜ୍‌ବ୍ୟୁରୋ

ଭୁବନେଶ୍ୱରସ୍ଥିତ ଉତ୍କଳ ଗ୍ୟାଲେରିଆ ମଲ୍‌ର 'ପିଭିଆର ସିନେମାସ' ଠାରେ ଚଳଚ୍ଚିତ୍ର 'ଭାରତ ଭାଗ୍ୟ ବିଧାତା'ର ଏକ ସ୍ୱତନ୍ତ୍ର ସ୍କ୍ରିନିଂ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପ୍ରସିଦ୍ଧ ସିନେ ତାରକା ତଥା ସାଂସଦ ସୁଶ୍ରୀ କଙ୍ଗନା ରନାୱତ୍‌ଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ମନ୍ତ୍ରୀ ଗଣ ଏବଂ ରାଜ୍ୟର ପ୍ରମୁଖ ନେତୃବୃନ୍ଦ ଏକତ୍ର ବସି ଚଳଚ୍ଚିତ୍ରଟିକୁ ଦେଖିଥିଲେ।

କଙ୍ଗନା ନିଜ ଅଦମ୍ୟ ପରିଶ୍ରମରେ ଯେଉଁ ସଫଳତା ହାସଲ କରିଛନ୍ତି, ତାହା ନବାଗତମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମୁଖ୍ୟମନ୍ତ୍ରୀ

ପ୍ରକାଶ କରିଛନ୍ତି। ଏହି ସ୍ୱତନ୍ତ୍ର ସ୍କ୍ରିନିଂ କାର୍ଯ୍ୟକ୍ରମରେ 'ଭାରତ ଭାଗ୍ୟ ବିଧାତା' ଚଳଚ୍ଚିତ୍ରର ପୂରା ଟିମ୍ ସଦସ୍ୟ, ଓଡ଼ିଶା ଚଳଚ୍ଚିତ୍ର ଜଗତର ଅନ୍ୟାନ୍ୟ ପ୍ରତିଭାବାନ ବ୍ୟକ୍ତିତ୍ୱ, ବହୁ ସଂଖ୍ୟାରେ ଗଣମାଧ୍ୟମର ପ୍ରତିନିଧି ଏବଂ ସ୍ଥାନୀୟ ସିନେପ୍ରେମୀ ଜନସାଧାରଣ ଏହି ସ୍ୱତନ୍ତ୍ର ଉତ୍ସବରେ ସାମିଲ ହୋଇଥିଲେ। ଏହା ପୂର୍ବରୁ, ଶୁକ୍ରବାର 'ବିଶ୍ୱ ପରିବେଶ ଦିବସ' ଅବସରରେ ମୁଖ୍ୟମନ୍ତ୍ରୀ ଓ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରଣାୱତ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଠାରେ ବୃକ୍ଷ ରୋପଣ କରିଛନ୍ତି।

ରାଜ୍ୟସ୍ତରୀୟ ଅବକାରୀ ଅଧିକ୍ଷକ ସମ୍ମିଳନୀ

ପେସାଦାର ଅପରାଧୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୫।୬
ନ୍ୟୁଜ୍‌ବ୍ୟୁରୋ

ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ ଫଳରେ ବିଗତ ଦୁଇ ବର୍ଷ ମଧ୍ୟରେ ରେକର୍ଡ ପରିମାଣରେ ବେଆଇନ ନିଶାଦ୍ରବ୍ୟ ଓ ମାଦକ ସାମଗ୍ରୀ ଜବତ ହେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏଥି ସହିତ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଯୁବପିଢ଼ିଙ୍କୁ ବେଆଇନ ମାଦକ ଦ୍ରବ୍ୟ ତଥା ନିଷିଦ୍ଧ ନିଶା ସେବନଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି, ଯାହା ବିଭାଗ ପାଇଁ ଏକ ବଡ଼ ଉପଲବ୍ଧି। ତେବେ ଗୁଇନ୍ଦା ରିପୋର୍ଟକୁ ଆଧାର କରି ନିୟମିତ ଚଢ଼ଉ ସହ ପେସାଦାର ଅପରାଧୀଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରି ନ୍ୟାୟାଳୟରେ ଦଣ୍ଡବିଧାନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ଏବଂ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ନେଇ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅବକାରୀ ଅଧିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି।

ଶୁକ୍ରବାର ଦିନ ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ନିର୍ମାଣ ସୌଧଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅବକାରୀ ଅଧିକ୍ଷକ ସମ୍ମିଳନୀରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ବେଆଇନ ନିଶା କାରବାର ଯୋଗୁଁ କେବଳ ଧନଜୀବନ ହାନି ଘଟୁ ନାହିଁ ବରଂ ରାଜ୍ୟରେ ଅନେକ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ନିୟମିତ ଭାବେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି। ଏଥି ସହ ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ତାଲିମ, ନୂଆ ନିଯୁକ୍ତି, ବିଭିନ୍ନ ଜୋନ୍‌ରେ ଥିବା ସମସ୍ୟାର ସମାଧାନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ।

ବୈଠକରେ ପ୍ରମୁଖ ଶାସନ ସଚିବ ଆର. ଏସ୍. ଗୋପାଳନ୍ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରଶାସନିକ ସଂସ୍କାର ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ଆହ୍ୱାନକୁ ସାମ୍ନା କରିବା ପାଇଁ ଅଧିକାରୀ ଓ କର୍ମଚାରୀ ସବୁବେଳେ ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱ ଦେଇଥିଲେ। ଅବକାରୀ କମିଶନର ପି. ଅନ୍ୱେଷା ରେଡ୍ଡୀ ସ୍ୱାଗତ ଭାଷଣ ପ୍ରଦାନ ସହ ବିଭିନ୍ନ ଜିଲ୍ଲାରେ ଚଢ଼ଉ, ରାଜସ୍ୱ ଆଦାୟ ସମ୍ପର୍କିତ ସମସ୍ତ ତଥ୍ୟ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ।

ବୈଠକରେ ବେଆଇନ ମାଦକ କାରବାର ରୋକିବା, ନିୟମିତ ଚଢ଼ଉ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଅପରାଧୀଙ୍କ ବିରୋଧରେ ତଥ୍ୟ ଓ ପ୍ରମାଣ ସଂଗ୍ରହ, ନ୍ୟାୟାଳୟରେ ସଠିକ୍ ଦସ୍ତାବିଜ୍ ଉପସ୍ଥାପନ, ଗଞ୍ଜେଇ ଚାଷ ରୋକିବା ସହ ଅନ୍ୟ ବିଭାଗ ସମନ୍ୱୟରେ ସ୍ଥାନୀୟ ଅଧିବାସୀଙ୍କୁ ବିକଳ୍ପ ରୋଜଗାର ପନ୍ଥା ଆପଣେଇବାର ବାଟ ଦେଖାଇବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଏସ୍‌ବିସିଏଲ୍‌ର ଏମ୍‌ଡି ଦେବେନ କୁମାର ପ୍ରଧାନ, ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ଓ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ କମିଶନର ରୁଦ୍ର ନାରାୟଣ ମହାନ୍ତି ଏବଂ ସବୁ ଜିଲ୍ଲାର ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ନୂଆ ମୋଡ଼

କଟକ,୫।୬:ନ୍ୟୁଜ୍‌ବ୍ୟୁରୋ

କଟକ କାଠଯୋଡି ନଦୀରୁ ଡାକ୍ତରୀ ଛାତ୍ରୀଙ୍କ ମୃତଦେହ ଉଦ୍ଧାର ଘଟଣାରେ ନୂଆ ମୋଡ଼ ନେଇଛି। ଛାତ୍ରୀଙ୍କୁ ତାଙ୍କ ପ୍ରେମିକ ଏବଂ ଅନ୍ୟ ଜଣେ ଯୁବତୀ ହତ୍ୟା କରି ଫିଙ୍ଗି ଦେଇଥିବା ଅଭିଯୋଗ କରିଛନ୍ତି ପରିବାର। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜର ଏମବିବିଏସ୍ ତୃତୀୟ ବର୍ଷ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ କାଠଯୋଡ଼ି ନଦୀରୁ ଉଦ୍ଧାର ହୋଇଥିଲା। ମୃତ ଛାତ୍ରୀଙ୍କ ଘର

ମୟୂରଭଞ୍ଜ ଉଦଳା ଥାନା ରାଇଦାଣ୍ଡିଆ ଗାଁରେ। ଭୀମସେନ ପ୍ରସାଦ ଟୁଡୁ ନାମକ ଯୁବକ ତାଙ୍କ ଝିଅକୁ ଭଲ ପାଉଥିବା ବେଳେ ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଦୁହିଁଙ୍କ ପ୍ରେମ ସମ୍ପର୍କରେ ଅନ୍ୟ ଜଣେ ଯୁବତୀ ଏଣ୍ଟ୍ରି ମାରିବାରୁ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ଚନ୍ଦ୍ରିକାଙ୍କ ବୟଫ୍ରେଣ୍ଡ ଭୀମସେନ ଏବଂ ଯୁବତୀ ମିଳିତ ଭାବେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ତାଙ୍କ ମାଆ ଏବଂ ଭାଇ। ଏପଟେ କଟକ ଡିସିପି କହିଛନ୍ତି ଯୁବତୀଙ୍କ ସ୍ୱାସ୍ଥ୍ୟ ଖରାପ ଯୋଗୁଁ ଟ୍ରିଟ୍‌ମେଣ୍ଟ ପାଇଁ ଭୁବନେଶ୍ୱର ଆସିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ସହ ତାଙ୍କର ମୋବାଇଲ ଓ ଅନ୍ୟ ସୋସିଆଲ ମିଡ଼ିଆ ଚାଟିଂଗୁଡିକ ପୋଲିସ ଯାଞ୍ଚ କରୁଛି।

ବାଣ କାରଖାନାରେ ବିସ୍ଫୋରଣ ଜଳିଗଲା ୩ ବଖରା

ମହାକାଳପଡ଼ା,୫।୬
ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ତଥା ମାର୍ଶାଘାଇ ଥାନା ତେରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଓସ୍ତର ଗ୍ରାମରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟିଛି। ହାବେଳି ବାଣ ଭିଡୁଥିବାବେଳେ ବିସ୍ଫୋରଣ ଘଟି ୩ବଖରା ଘର ଜଳିଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ପ୍ରଚଣ୍ଡ ଶବ୍ଦ ସହ ଆଖପାଖ ଅଞ୍ଚଳ ଥରି ଉଠିଥିଲା।

ରାଜଧାନୀରେ ଡେଲିଭରୀ ବଏଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୫।୬
ନ୍ୟୁଜ୍‌ବ୍ୟୁରୋ

ରାଜଧାନୀରେ ଡେଲିଭେରୀ ବଏଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଲେ ଦୁର୍ବୃତ୍ତ। ଖଣ୍ଡଗିରି ଥାନା ଅଞ୍ଚଳ ଜାଗମରା ଗଣ୍ଡମୁଣ୍ଡା ରାସ୍ତାରେ ଡେଲିଭେରୀ ବୟଙ୍କ ଉପରେ ମରଣାନ୍ତକ ଓ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଡେଲିଭେରୀ ସାରି ଷ୍ଟୋରକୁ ଫେରୁଥିବା ବେଳେ ତାପସ ବେହେରା ନାମକ ଯୁବକଙ୍କୁ ପଛପଟୁ ଆକ୍ରମଣ କରିଥିଲେ ଦୁର୍ବୃତ୍ତ। ଖଣ୍ଡା ଚୋଟରେ ତାଙ୍କ ଦେହର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ ହୋଇଥିବା ଆହତ ଯୁବକ ଅଭିଯୋଗ କରିଛନ୍ତି। ଆକ୍ରମଣ ପରେ ଦୁର୍ବୃତ୍ତମାନେ ତାଙ୍କ ମୋବାଇଲ ଫୋନ୍ ଓ ନଗଦ ଟଙ୍କା ଛଡ଼ାଇ ନେଇ ଥିବା ମଧ୍ୟ ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାକୁ ନେଇ ଖଣ୍ଡଗିରି ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

ପଦ୍ମଭୂଷଣ ସୁଭାଷ ସି. କାଶ୍ୟପଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର,୫।୬:ନ୍ୟୁଜ୍‌ବ୍ୟୁରୋ

ପଦ୍ମଭୂଷଣ ସୁଭାଷ ସି. କାଶ୍ୟପଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ପ୍ରସିଦ୍ଧ ସଂବିଧାନ ବିଶେଷଜ୍ଞ, ଲେଖକ ଓ ପଦ୍ମଭୂଷଣ ସମ୍ମାନିତ ଡଃ ସୁଭାଷ ସି. କାଶ୍ୟପଙ୍କ ପରଲୋକ ସମ୍ବାଦରେ ଗଭୀର ଦୁଃଖ ପ୍ରକାଶ କରୁଛି। ତାଙ୍କର ଗଭୀର ପାଣ୍ଡିତ୍ୟ, ସମ୍ବିଧାନିକ ଚର୍ଚ୍ଚା ଓ ପାଣ୍ଡିତ୍ୟପୂର୍ଣ୍ଣ ଲେଖନୀ ଆମ ସମ୍ବିଧାନ ଓ ସାଂସଦୀୟ ଲୋକତନ୍ତ୍ର ପ୍ରତି ଆମର ବୁଝାମଣାକୁ ସମୃଦ୍ଧ କରିଥିଲା। ତାଙ୍କ ପରିବାର, ମିତ୍ର ଓ ଅନୁଗାମୀମାନଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ବିରୋଧୀ ଦଳ ନେତା।

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି

ଜୁନ୍ ୧୨ରୁ ଜିଲ୍ଲାରୁ ଗ୍ରାମ ପର୍ଯ୍ୟନ୍ତ ବ୍ୟାପକ କାର୍ଯ୍ୟକ୍ରମ

ଭୁବନେଶ୍ୱର,୫।୬
ନ୍ୟୁଜ୍‌ବ୍ୟୁରୋ

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ରାଜ୍ୟବ୍ୟାପୀ ଜନସଂପୃକ୍ତି ଓ ସଚେତନତା କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଆଭାସୀ ବୈଠକରେ ଅଧ୍ୟକ୍ଷତା କରି ବିସ୍ତୃତ ଆଲୋଚନା କରିଛନ୍ତି। ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ସଂପୃକ୍ତ ବିଭିନ୍ନ ବିଭାଗର ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ବୈଠକରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ର ଓ ରାଜ୍ୟ ଯୋଜନା ସଂପର୍କିତ ବିଭିନ୍ନ କ୍ଷେତ୍ରରେ ଅନେକ ବିକାଶମୂଳକ, କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ହାସଲ ହୋଇଛି। ଏହି ସଫଳତାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହ ଆଗାମୀ ତିନି ବର୍ଷ ପାଇଁ ସରକାରଙ୍କ ଆଭିମୁଖ୍ୟ ଓ ବିକାଶର ରୂପରେଖ ଉପସ୍ଥାପନ କରିବା ଏହି କାର୍ଯ୍ୟକ୍ରମର ମୂଳ

ଉଦ୍ଦେଶ୍ୟ। ଏହା ମାଧ୍ୟମରେ ସରକାରୀ ଯୋଜନାର ହିତାଧିକାରୀମାନେ କିପରି ଉପକୃତ ହେଉଛନ୍ତି, ସେ ସଂପର୍କରେ ପାରସ୍ପରିକ ଆଲୋଚନା, ମତାମତ ଗ୍ରହଣ ସହ ବିଭିନ୍ନ ଯୋଜନାର ଲାଭ କିପରି ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଯାଇ ପାରିବ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରି ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ସହ କାର୍ଯ୍ୟକ୍ରମଗୁଡ଼ିକର ସଫଳ ଆୟୋଜନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଗୁରୁବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଜିଲ୍ଲା, ବ୍ଲକ୍ ଓ ଗ୍ରାମ ପଞ୍ଚାୟତ ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯାଇଥିବା ବେଳେ ଶୁକ୍ରବାର ଜିଲ୍ଲାପାଳମାନଙ୍କ ସହିତ ଆୟୋଜନ ସଂପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି। ଜୁନ ୧୨ ତାରିଖରୁ ଜିଲ୍ଲା, ବ୍ଲକ୍ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ବିଭିନ୍ନ ଜନସଂପୃକ୍ତି କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ସଚେତନତା ଶିବିର ଓ ଜନସମ୍ବାଦ ଆୟୋଜନ କରାଯିବା ନେଇ ଶିଳ୍ପ, ଗୃହ ଓ ସୂଚନା ଏବଂ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା। ବିସ୍ତୃତ ଉପସ୍ଥାପନ କରିଥିଲେ।

ଓଡ଼ିଶାକୁ ଅତିରିକ୍ତ ୬ଟି ସ୍ନାତକୋତର ଡାକ୍ତରୀ ସିଟ୍ ସ୍ୱୀକୃତି

ଭୁବନେଶ୍ୱର,୫।୬
ନ୍ୟୁଜ